ଶ୍ରୀଶ୍ରୀଗୁରୁଗୌରାଙ୍ଗୌ ଜୟତଃ

# ଶ୍ରୀମନ୍ ମହାପ୍ରଭୁଙ୍କ ଅବଦାନ-ବୈଶିଷ୍ଟ୍ୟ

ଶ୍ରୀବ୍ରହ୍ମ-ମାଧ୍ୱ-ଗୌଡ଼ୀୟ-ସମ୍ପ୍ରଦାୟ-ସଂରକ୍ଷକ

ଜଗଦ୍‌ଗୁରୁ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ

**ଶ୍ରୀମଦ୍ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦାନୁକମ୍ପିତ**

ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ

**ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜାନୁଗୃହୀତ**

ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ

**ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ**

ଦ୍ୱାରା ଲିଖିତ ପ୍ରବନ୍ଧ

**ଗୌଡ଼ୀୟ ବେଦାନ୍ତ ପ୍ରକାଶନ**

# ଶ୍ରୀମନ୍ ମହାପ୍ରଭୁଙ୍କ ଅବଦାନ-ବୈଶିଷ୍ଟ୍ୟ

(ଶ୍ରୀଚୈତନ୍ୟଦେବଙ୍କ ୫୦୦ତମ ଆବିର୍ଭାବତିଥି ଉପଲକ୍ଷରେ
ଶ୍ରୀଗୌଡ଼ୀୟ ପତ୍ରିକା, ବର୍ଷ-୩୮, ସଂଖ୍ୟା-୫-୭ରେ ପ୍ରକାଶିତ ପ୍ରବନ୍ଧ)

**ପ୍ରକାଶକ:** **ଗୌଡ଼ୀୟ ବେଦାନ୍ତ ପ୍ରକାଶନ**
ଜୟଶ୍ରୀଦାମୋଦର ଗୌଡ଼ୀୟ ମଠ
ସି. ଟି. ରୋଡ୍, ପୁରୀ— ୨
ଫୋନ୍:-(୦୬୭୫୨) ୨୨୩୩୭୫

**ପ୍ରଥମ ସଂସ୍କରଣ:** ଗୌର ପୂର୍ଣ୍ଣିମା— ୨୦୧୨
୫୦୦୦ ପ୍ରତିଲିପି

**ପ୍ରାପ୍ତିସ୍ଥାନ:** ଜୟଶ୍ରୀଦାମୋଦର ଗୌଡ଼ୀୟ ମଠ
ସି. ଟି. ରୋଡ୍, ପୁରୀ— ୨
ଫୋନ୍:-(୦୬୭୫୨) ୨୨୩୩୭୫

**ପ୍ରକାଶନ ମଣ୍ଡଳୀ—**

**ଅନୁବାଦକ:** ଶ୍ରୀମାନ୍ ବଂଶୀବଦନଦାସ ବ୍ରହ୍ମଚାରୀ
**ପ୍ରୁଫ୍ ସଂଶୋଧନ:** ଶ୍ରୀମାନ୍ ଉତ୍ତମକୃଷ୍ଣଦାସ ବ୍ରହ୍ମଚାରୀ,
ଶ୍ରୀମାନ୍ ମଧୁମଙ୍ଗଳଦାସ ବ୍ରହ୍ମଚାରୀ
**ଲେ-ଆଉଟ୍:** ଶ୍ରୀମାନ୍ କୃଷ୍ଣକାରୁଣ୍ୟଦାସ ବ୍ରହ୍ମଚାରୀ

ଏହି ପୁସ୍ତିକାଟିର ପ୍ରକାଶନରେ ଶ୍ରୀଯୁକ୍ତା ଅଞ୍ଜଳୀ ଦାସୀ ଆର୍ଥିକ ସହାୟତା କରିଛନ୍ତି। ସେଥିପାଇଁ ପ୍ରକାଶନ ମଣ୍ଡଳୀ ତାଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି।

*Visit us at:*
**www.suddhabhakti.org**
**www.purebhakti.com**

*e-mail:*
**sriparamarthi@gmail.com,**
**damodarmath@gmail.com**

ଆମେ ଅତ୍ୟନ୍ତ ଦୀନହୀନ ଭାବେ ଏଇ ପୁସ୍ତିକାଟିକୁ ଆମର ପରମ ଆରାଧ୍ୟତମ ଗୁରଦେବ ନିତ୍ୟଲୀଳାପ୍ରବିଷ୍ଟ ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ କରକମଳରେ ଅର୍ପଣ କରୁଛୁ, ଯିଏ ସର୍ବଦା ତାଙ୍କଦ୍ୱାରା ପ୍ରକାଶିତ ପ୍ରତ୍ୟେକ ଗ୍ରନ୍ଥକୁ ନିମ୍ନଲିଖିତ ଭାବେ ତାଙ୍କର ଗୁରୁଦେବ ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କୁ ଅର୍ପଣ କରନ୍ତି;

**ମୋର ପରମାରାଧ୍ୟତମ ଶ୍ରୀଗୁରୁପାଦପଦ୍ମ**



ଶ୍ରୀଗୌଡ଼ୀୟ-ବେଦାନ୍ତ-ଆଚାର୍ଯ୍ୟ-କେଶରୀ ନିତ୍ୟଲୀଳାପ୍ରବିଷ୍ଟ
ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ

# ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜ

ଭାଗବତ ପରମ୍ପରାର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କଠାରୁ ଦଶମ ଅଧସ୍ତନବର ଏବଂ ଶ୍ରୀଗୌଡ଼ୀୟ-ବେଦାନ୍ତ-ସମିତି ଓ ସମ୍ପୂର୍ଣ୍ଣ ବିଶ୍ୱରେ ତଦନ୍ତର୍ଗତ ଶାଖାମଠସମୂହର ପ୍ରତିଷ୍ଠାତା ଆଚାର୍ଯ୍ୟଙ୍କ କରକମଳରେ ସମର୍ପଣ।

# ସୂଚୀପତ୍ର


| ବିଷୟ | ପୃଷ୍ଠା |
| --- | --- |
| ପ୍ରାକ୍ କଥନ | ୧ |
| ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ କରୁଣାର ବୈଶିଷ୍ଟ୍ୟ | ୩ |
| ସ୍ୱୟଂ-ଭଗବାନଙ୍କ ଦୁଇଟି ମୂଳ ନିତ୍ୟ-ସ୍ୱରୂପ | ୩ |
| ଶ୍ରୀଗୌରହରିଙ୍କର ଅଦ୍ଭୁତ କରୁଣାର ବିକାଶ | ୬ |
| ଶ୍ରୀଗୌରହରିଙ୍କ ଅବତରଣର ତିନିଟି ଅପୂର୍ବ ଉଦ୍ଦେଶ୍ୟ | ୭ |
| ଶ୍ରୀଗୌରହରିଙ୍କ କରୁଣାର ଆଠଟି ଅଭୂତପୂର୍ବ ବୈଶିଷ୍ଟ୍ୟ | ୯ |
| (୧) କେବଳ ଗୌରହରିଙ୍କ ଦ୍ୱାରା ହିଁ ସମସ୍ତଙ୍କୁ ଭକ୍ତି ପ୍ରଦାନ | ୯ |
| (୨) ଶ୍ରୀଗୌରହରି ଯୋଗ୍ୟତା ବିଚାର ନ କରି ପ୍ରେମ ଦିଅନ୍ତି | ୧୦ |
| (୩) ଶ୍ରୀଗୌରହରିଙ୍କର ନିଜ କରୁଣାଶକ୍ତିଠାରେ ଆତ୍ମସମର୍ପଣ | ୧୨ |
| (୪) କେବଳ ସ୍ୱୟଂ-ଭଗବାନ୍ ହିଁ ଅନ୍ୟାନ୍ୟ ଭଗବତ୍ ସ୍ୱରୂପକୁ ପ୍ରକାଶ କରିବାରେ ସମର୍ଥ | ୧୨ |
| (୫) ଶ୍ରୀଗୌରହରିଙ୍କ କରୁଣା ପୂର୍ଣ୍ଣରୂପେ ପ୍ରସ୍ଫୁଟିତ | ୧୩ |
| (୬) ଜୀବଙ୍କ ଉଦ୍ଧାର ପାଇଁ ଶ୍ରୀଗୌରହରିଙ୍କ ବିଶେଷ ବ୍ୟାକୁଳତା | ୧୪ |
| (୭) ଶ୍ରୀଗୌରହରି ରସିକଶେଖର ଓ ପରମକରୁଣ | ୧୫ |
| (୮) ଶ୍ରୀଗୌରଲୀଳାର ଚମତ୍କାର ବିଶେଷତା | ୧୬ |
| ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସର୍ବୋତ୍ତମ ଅବଦାନ ପରକୀୟା-ଭାବ | ୧୭ |
| ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସଂକ୍ଷିପ୍ତ ଜୀବନ-ଚରିତ୍ର | ୨୧ |
| ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ ସଂକ୍ଷିପ୍ତ ପରିଚୟ | ୨୩ |



ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ
**ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ**



ନିତ୍ୟଲୀଲାପ୍ରବିଷ୍ଟ ଓଁ ବିଷ୍ଣୁପାଦ

**ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ବାମନ ଗୋସ୍ୱାମୀ ମହାରାଜ**



ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଅଷ୍ଟୋତ୍ତରଶତଶ୍ରୀ
**ଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜ**




ଶ୍ରୀମନ୍ ଚୈତନ୍ୟମହାପ୍ରଭୁଙ୍କ
ପରମ-ପବିତ୍ର ଆବିର୍ଭାବଲୀଳା ସ୍ଥଳୀ

# ପ୍ରାକ୍ କଥନ

ଶ୍ରୀଶ୍ରୀଗୁରୁ-ଗୌରାଙ୍ଗ-ଗାନ୍ଧର୍ବିକା-ଗିରିଧାରୀ-ଶ୍ରୀଶ୍ରୀରାଧାବିନୋଦବିହାରୀଙ୍କ ଅହୈତୁକୀ କୃପାରୁ **'ଶ୍ରୀମନ୍ ମହାପ୍ରଭୁଙ୍କ ଅବଦାନ ବୈଶିଷ୍ଟ୍ୟ'** ନାମକ ଏହି କ୍ଷୁଦ୍ର ପୁସ୍ତିକାଟିକୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଭକ୍ତମାନଙ୍କ ଓ ପାରମାର୍ଥିକ ବ୍ୟକ୍ତିମାନଙ୍କ ସମ୍ମୁଖରେ ପ୍ରସ୍ତୁତ କରୁଥିବାରୁ ଆମେମାନେ ନିଜକୁ ଅତ୍ୟନ୍ତ ଧନ୍ୟ ମଣୁଛୁ।

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ କଳିଯୁଗରେ **'ପ୍ରଚ୍ଛନ୍ନ-ଅବତାର'** ବୋଲି ଶ୍ରୀମଦ୍ ଭାଗବତ ଓ ଅନ୍ୟ ବୈଦିକ ସାହିତ୍ୟମାନଙ୍କରେ କୁହାଯାଇଛି। ଏହି ପୁସ୍ତିକାଟିର ବିଷୟବସ୍ତୁ ମୂଳରୂପେ ବଙ୍ଗଳା ଭାଷାରେ ୧୯୮୬ ମସିହାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ୫୦୦ତମ ଆବିର୍ଭାବତିଥି ଉପଲକ୍ଷେ ଲେଖାଯାଇଥିଲା। ଏହା ମହାପ୍ରଭୁଙ୍କ ଐକାନ୍ତିକ ନିଜଜନ ଆମର ପରମାରାଧ୍ୟତମ ଗୁରୁପାଦପଦ୍ମ ନିତ୍ୟଲୀଳାପ୍ରବିଷ୍ଟ ଓଁ ବିଷ୍ଣୁପାଦ ଅଷ୍ଟୋତରଶତଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ ଦ୍ୱାରା ଲିଖିତ। ଯାହାଙ୍କ ପ୍ରଚାରର ଏକମାତ୍ର ଉଦ୍ଦେଶ୍ୟ ଓ ବୈଶିଷ୍ଟ୍ୟ ଥିଲା, ଶ୍ରୀଚୈତନ୍ୟଦେବଙ୍କ କରୁଣାମୟ ଅବଦାନର ଅନ୍ତର୍ନିହିତ ଭାବକୁ ଜନସାଧାରଣଙ୍କ ନିକଟରେ ସରଳ, ସହଜ ଓ ବୋଧଗମ୍ୟ ଭାବେ ପ୍ରକାଶ କରିବା।

ଶ୍ରୀଳ ଗୁରୁଦେବ—ଅପ୍ରାକୃତ ବୈଶିଷ୍ଟ୍ୟର ଗଭୀର ସମୁଦ୍ର। ସେ ମହାପ୍ରଭୁଙ୍କ ବିଚାରଧାରାରେ ଗୌଡ଼ୀୟ ଦର୍ଶନର ବିଭିନ୍ନ ବିଶେଷତାକୁ ସୁନ୍ଦର ରୂପେ ପ୍ରକାଶ କରିଛନ୍ତି। ଯଥା—ଶ୍ରୀଳ ରୂପଗୋସ୍ୱାମୀଙ୍କ ଅବଦାନର ମହିମାକୁ ଅକ୍ଲାନ୍ତରୂପେ ବର୍ଣ୍ଣନ, ଶ୍ରୀଳ ସନାତନଗୋସ୍ୱାମୀପାଦଙ୍କ ବୃହଦ୍‌ଭାଗବତାମୃତମ୍ ଗ୍ରନ୍ଥରେ ବର୍ଣ୍ଣିତ ଭକ୍ତମାନଙ୍କ ଭକ୍ତିର ତାରତମ୍ୟକୁ ସ୍ୱଷ୍ଟ ଓ ସୁନ୍ଦର ରୂପେ ଉପସ୍ଥାପନ; ଶ୍ରୀନାରଦ ଋଷିଙ୍କୁ ଭଗବାନଙ୍କ ବରଦାନ (ଯିଏ ଏହି ଦିବ୍ୟ ବ୍ରଜଧାମର ଧୂଳିକୁ ଭକ୍ତିର ସହିତ ସ୍ୱର୍ଶ କରିବ, ତାହାର ହୃଦୟରେ ନିଶ୍ଚୟ ବ୍ରଜ-ପ୍ରେମ ଉଦୟ ହେବ)ରେ ଦୃଢ଼ ବିଶ୍ୱାସ ସହିତ ଅସାଧାରଣ ରସମୟୀ ହରିକଥାମୟ ବାର୍ଷିକ ଶ୍ରୀବ୍ରଜମଣ୍ଡଳ ପରିକ୍ରମାରେ ତୀବ୍ର ଉତ୍ସାହ ଓ ଉତ୍କଣ୍ଠା; ବ୍ରଜର ପରମ ପବିତ୍ର ପରକୀୟା ଭାବର ମହିମା-କୀର୍ତ୍ତନ ଏବଂ ମହାପ୍ରଭୁଙ୍କ ନବଦ୍ୱୀପ ଲୀଳା ଓ ଭାବ ସହିତ ଜଗନ୍ନାଥ-ପୁରୀର ଲୀଳା ଓ ଭାବର ତୁଳନାତ୍ମକ ବିଚାର

ବୈଶିଷ୍ଟ୍ୟକୁ ସ୍ଥାପନ; ଇତ୍ୟାଦି। ବଦ୍ଧଜୀବ ସେଇ ବୈଶିଷ୍ଟ୍ୟରେ ଅନୁପ୍ରାଣିତ ହେଲେ ଶ୍ରୀମନ୍ ମହାପ୍ରଭୁଙ୍କ ଅତୁଳନୀୟ ଦୟାକୁ ଅନୁଭବ କରିପାରିବ।

ଶ୍ରୀଗୁରୁପାଦପଦ୍ମଙ୍କ ଅହୈତୁକୀ କୃପାରୁ ତାଙ୍କର ବୈଶିଷ୍ଟ୍ୟ-ସମୁଦ୍ରକୁ ମନ୍ଥନ କରି ଏଇ ଅମୂଲ୍ୟ ରତ୍ନରୂପୀ **'ଶ୍ରୀମନ୍ ମହାପ୍ରଭୁଙ୍କ ଅବଦାନ-ବୈଶିଷ୍ଟ୍ୟ'** ପୁସ୍ତିକାଟି ପ୍ରକାଶିତ ହୋଇଛି। ଜଗତ୍‌ବାସୀଙ୍କ ପାଇଁ ଏହା ଶ୍ରୀଲ ଗୁରୁଦେବଙ୍କର ଅନୁପମ ଉପହାର ସ୍ୱରୂପ। ଆମେ ଗଭୀର ଶ୍ରଦ୍ଧା ଓ ଯତ୍ନ ସହକାରେ ଏହାକୁ ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କ ପ୍ରିୟ ଭକ୍ତମାନଙ୍କ ସମ୍ମୁଖରେ ଉପସ୍ଥାପିତ କରୁଛୁ।

ଆମର ଦୃଢ଼ ବିଶ୍ୱାସ, ଏହି ପୁସ୍ତିକାଟି ସେମାନଙ୍କ ଦ୍ୱାରା ବିନା ଦ୍ୱିଧାରେ ଅତିମାତ୍ରାରେ ଆଦୃତ ହେବ। ବିଶେଷତଃ ଶ୍ରୀନବଦ୍ୱୀପ-ଧାମ ପରିକ୍ରମାରେ ଏବଂ ଶ୍ରୀମନ୍ ମହାପ୍ରଭୁଙ୍କ ଆବିର୍ଭାବ ତିଥିରେ ଏଇ ପୁସ୍ତିକାଟି ଅଧ୍ୟୟନ କଲେ ଭକ୍ତମାନେ ପରମ ରସସ୍ୱାଦନ କରିବେ। ପୁନଃ ଅନ୍ତରରେ ଶ୍ରୀଗୁରୁ ଓ ଶ୍ରୀଗୌରହରିଙ୍କ ପ୍ରତି କୃତଜ୍ଞତାବଶତଃ ନିଜକୁ ସୌଭାଗ୍ୟବାନ୍ ମଣିବେ, ଏଥିରେ କୌଣସି ସନ୍ଦେହ ନାହିଁ।

ଗଙ୍ଗାଜଳରେ ଗଙ୍ଗାପୂଜା କଲା ଭଳି, ଏହି ବର୍ଷ ନବଦ୍ୱୀପଧାମ ପରିକ୍ରମା ଅବସରରେ ଶ୍ରୀଲ ଗୁରୁଦେବଙ୍କ ଅପ୍ରାକୃତ ବାଣୀ ସମନ୍ୱିତ ଏହି ପୁସ୍ତିକାଟିକୁ ତାଙ୍କରି କରକମଳରେ ଉପହାର ସ୍ୱରୂପ ଅର୍ପଣ କରୁଛୁ। ଆମର ଏହି କ୍ଷୁଦ୍ର ଚେଷ୍ଟାକୁ ଦେଖି ସେ ଆମ ଉପରେ ପ୍ରସନ୍ନ ହୁଅନ୍ତୁ। ଶ୍ରୀଗୁରୁ-ଗୌରାଙ୍ଗଙ୍କ ଚରଣରେ ଏତିକି ପ୍ରାର୍ଥନା, ଯେପରି ଦିନେ ନା ଦିନେ ଆମେ ଏହି ଅପ୍ରାକୃତ ଶିକ୍ଷା ପାଳନରେ ଯୋଗ୍ୟ ହୋଇପାରୁ ଏବଂ ନଗଣ୍ୟ ବାହକମାତ୍ର ହୋଇ ଏହାକୁ ସର୍ବତ୍ର ବିତରଣ କରିପାରୁ।

ଏଇ ପୁସ୍ତିକାଟିରେ ମୁଦ୍ରଣଜନିତ ଭୁଲ-ତ୍ରୁଟି ରହିବା ସ୍ୱାଭାବିକ୍। ଶ୍ରଦ୍ଧାଳୁ ପାଠକମାନେ ଏହାର ସାର ଗ୍ରହଣ କଲେ ଆମେ ନିଜକୁ କୃତାର୍ଥ ମଣିବୁ।

ଜୟ ଶ୍ରୀଲ ଗୁରୁଦେବଙ୍କ ଜୟ

ଜୟ ଶ୍ରୀଶଚୀନନ୍ଦନ ଗୌରହରିଙ୍କ ଜୟ

**ଶ୍ରୀହରି-ଗୁରୁ-ବୈଷ୍ଣବଙ୍କ ସେବାଭିଳାଷୀ**

**ପ୍ରକାଶନ ମଣ୍ଡଳୀ**

# ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ କରୁଣାର ବୈଶିଷ୍ଟ୍ୟ

**ନମୋ ମହାବଦାନ୍ୟାୟ କୃଷ୍ଣପ୍ରେମ ପ୍ରଦାୟତେ।**
**କୃଷ୍ଣାୟ କୃଷ୍ଣଚୈତନ୍ୟ ନାମ୍ନେ ଗୌରତ୍ୱିଷେ ନମଃ।।**
**(ଶ୍ରୀଚୈତନ୍ୟଚରିତାମୃତ ମଧ୍ୟ. ୧୯/୫୩)**

ଅର୍ଥାତ୍ ମହାବଦାନ୍ୟ, କୃଷ୍ଣପ୍ରେମପ୍ରଦାତା, କୃଷ୍ଣସ୍ୱରୂପ, କୃଷ୍ଣଚୈତନ୍ୟ ନାମକ, ଗୌରାଙ୍ଗରୂପଧାରୀ ପ୍ରଭୁଙ୍କୁ ପ୍ରଣାମ। (ଏହି ଶ୍ଲୋକରେ ସଂକ୍ଷେପରେ ଶ୍ରୀମନ୍ମହାପ୍ରଭୁଙ୍କ ନାମ, ରୂପ, ଗୁଣ ଓ ଲୀଳା ବର୍ଣ୍ଣିତ ହୋଇଛି। ଅର୍ଥାତ୍ ତାଙ୍କର ନାମ—ଶ୍ରୀକୃଷ୍ଣଚୈତନ୍ୟ, ତାଙ୍କର କାନ୍ତି—ଗୌରବର୍ଣ୍ଣ, ତାଙ୍କର ଗୁଣ—ମହାବଦାନ୍ୟତା ଓ ତାଙ୍କର ଲୀଳା—କୃଷ୍ଣପ୍ରେମ ପ୍ରଦାନ।

ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣ ହିଁ ସଚ୍ଚିଦାନନ୍ଦଘନ ପରବ୍ରହ୍ମ ସ୍ୱୟଂ ଭଗବାନ୍। ସେ ଅନାଦିକାଳରୁ ଅନନ୍ତରୂପରେ ଆତ୍ମପ୍ରକାଶ କରି ବିରାଜିତ। ସେହି ପ୍ରକାଶମାନଙ୍କ ମଧ୍ୟରୁ ବାସୁଦେବ, ନାରାୟଣ, ରାମ, ନୃସିଂହ ଆଦି ତାଙ୍କର ଅଂଶ—ଏହା ଶ୍ରୁତି, ସ୍ମୃତି, ପୁରାଣଶିରୋମଣି ଶ୍ରୀମଭାଗବତ ଆଦି ଶାସ୍ତ୍ର-ପ୍ରତିପାଦିତ ସିଦ୍ଧାନ୍ତ।

## ସ୍ୱୟଂ-ଭଗବାନଙ୍କ ଦୁଇଟି ମୂଳ ନିତ୍ୟ-ସ୍ୱରୂପ

ପରବ୍ରହ୍ମ, ରସିକଶେଖର ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କର ଆଉ ଗୋଟିଏ ନିତ୍ୟସ୍ୱରୂପ ଅଛି, କିନ୍ତୁ ସେହି ସ୍ୱରୂପ ତାଙ୍କର ଅଂଶ ନୁହେଁ ବରଂ ସେଥିରେ ତାଙ୍କର ସ୍ୱୟଂ ଭଗବତ୍ତା ନିତ୍ୟ ବିରାଜିତ। ତାହା ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣଙ୍କ ସଦୃଶ ଶ୍ୟାମବର୍ଣ୍ଣ ନୁହେଁ; ତାହା ପୀତବର୍ଣ୍ଣ।

ଶ୍ରୀମଦ୍ ଭାଗବତରେ କରଭାଜନ ଋଷି କଳିଯୁଗର ଆରାଧ୍ୟ ଭଗବତ୍‌ସ୍ୱରୂପ ଓ ତାଙ୍କର ଆରାଧନା-ପ୍ରଣାଳୀ ସମ୍ବନ୍ଧରେ ଏପରି ବର୍ଣ୍ଣନା କରିଛନ୍ତି—

**କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦମ୍।**
**ଯଜ୍ଞୈଃ ସଙ୍କୀର୍ତ୍ତନପ୍ରାୟୈର୍ଯଜନ୍ତି ହି ସୁମେଧସଃ।।**
**(ଶ୍ରୀମଭା. ୧୧/୫/୩୨)**

ଅର୍ଥାତ୍ ହେ ରାଜନ୍ ! ଯିଏ ସଦା ସର୍ବଦା 'କୃଷ୍ଣ'—ଏଇ ଦୁଇ ବର୍ଣ୍ଣକୁ କୀର୍ତ୍ତନ କରନ୍ତି, ଯାହାଙ୍କର ଅଙ୍ଗକାନ୍ତି 'ଅକୃଷ୍ଣ' ଅର୍ଥାତ୍ ଗୌର ବା ପୀତ, ନିଜର ଅଙ୍ଗ—ଶ୍ରୀନିତ୍ୟାନନ୍ଦ ପ୍ରଭୁ, ଉପାଙ୍ଗ—ଶ୍ରୀଅଦ୍ୱୈତାଚାର୍ଯ୍ୟ, ଅସ୍ତ୍ର—ଶ୍ରୀକୃଷ୍ଣନାମ ଏବଂ ପାର୍ଷଦ—ଶ୍ରୀଗଦାଧର, ଶ୍ରୀସ୍ୱରୂପଦାମୋଦର, ଶ୍ରୀରାୟରାମାନନ୍ଦ ଓ ଶ୍ରୀବାସାଦି ପରିକରମାନଙ୍କଦ୍ୱାରା ପରିବେଷ୍ଟିତ ମହାପୁରୁଷ(ଶ୍ରୀଚୈତନ୍ୟ ମହାପ୍ରଭୁ)ଙ୍କୁ ସୁବୁଦ୍ଧିମାନ୍ ବ୍ୟକ୍ତିମାନେ ସଙ୍କୀର୍ତ୍ତନ-ପ୍ରଧାନ ଯଜ୍ଞଦ୍ୱାରା ହିଁ ଆରାଧନା କରନ୍ତି।

ଉକ୍ତ ଶ୍ଲୋକର ଟୀକାରେ ଶ୍ରୀଳ ସନାତନ ଗୋସ୍ୱାମୀ, ଶ୍ରୀଳ ଜୀବ ଗୋସ୍ୱାମୀ ଓ ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ଆଦି ପ୍ରମୁଖ ଟୀକାକାରମାନେ ବିଭିନ୍ନ ଶାସ୍ତ୍ରୀୟ ପ୍ରମାଣଦ୍ୱାରା ଓ ସୁଦୃଢ଼ ଅକାଟ୍ୟ ଯୁକ୍ତିଦ୍ୱାରା 'କୃଷ୍ଣବର୍ଣ୍ଣ' ପଦର ଅର୍ଥ—'କୃଷ୍ଣ' ଏହି ଦୁଇ ବର୍ଣ୍ଣ ଅଥବା କୃଷ୍ଣଙ୍କ ନାମ-ରୂପ-ଗୁଣ-ଲୀଳା-ପରିକରଙ୍କ ବର୍ଣ୍ଣନକାରୀ ବା କୀର୍ତ୍ତନକାରୀ ଏବଂ 'ତ୍ୱିଷାଽକୃଷ୍ଣ' ପଦର ଅର୍ଥ—ଗୌର ବା ପୀତକାନ୍ତିଯୁକ୍ତ କରିଛନ୍ତି।

ମୁଣ୍ଡକ-ଶ୍ରୁତିରେ ମଧ୍ୟ ପୀତବର୍ଣ୍ଣଧାରୀ ସ୍ୱୟଂ ଭଗବାନଙ୍କ ସମ୍ବନ୍ଧରେ ଅଧିକ ସ୍ପଷ୍ଟ ରୂପରେ ଉଲ୍ଲେଖ କରାଯାଇଛି—

**ଯଦା ପଶ୍ୟଃ ପଶ୍ୟତେ ରୁକ୍ମବର୍ଣ୍ଣଂ**
**କର୍ତ୍ତାରମୀଶଂ ପୁରୁଷଂ ବ୍ରହ୍ମଯୋନିମ୍।**
**ତଦା ବିଦ୍ୱାନ୍ ପୁଣ୍ୟପାପେ ବିଧୂୟ**
**ନିରଞ୍ଜନଃ ପରମଂ ସାମ୍ୟମୁପୈତି।।**

**(ମୁଣ୍ଡକୋପନିଷଦ୍ ୩/୩)**

ଅର୍ଥାତ୍ ଯେତେବେଳେ କୌଣସି ସୌଭାଗ୍ୟବାନ୍ ବ୍ୟକ୍ତି କର୍ତ୍ତା, ଈଶ୍ୱର, ବ୍ରହ୍ମଯୋନି, ରୁକ୍ମବର୍ଣ୍ଣ ପୁରୁଷଙ୍କୁ ଦର୍ଶନ କରେ, ସେତେବେଳେ ସେହି ବିବେକବାନ୍ ପୁରୁଷ ପାପ-ପୁଣ୍ୟରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇ ନିର୍ମଳ, ନିରଞ୍ଜନ ଓ ବିଦ୍ୱାନ୍ (ଦିବ୍ୟ-ଜ୍ଞାନ ଯୁକ୍ତ ହୋଇ) ଭଗବାନଙ୍କ ସହିତ ପରମ ସାମ୍ୟ-ଅବସ୍ଥାକୁ ଅର୍ଥାତ୍ ତାଙ୍କ ସମାନ ଦିବ୍ୟ ରୂପକୁ ଲାଭ କରେ।

ଏଠାରେ 'ରୁକ୍ମ'ର ଅର୍ଥ ସୁବର୍ଣ୍ଣ। ଅତଏବ ରୁକ୍ମବର୍ଣ୍ଣର ଅର୍ଥ ସୁବର୍ଣ୍ଣବର୍ଣ୍ଣ ଅଥବା ସୁନା ସମାନ ପୀତବର୍ଣ୍ଣ। ଏହି ଶ୍ରୁତିମନ୍ତ୍ରର ତାତ୍ପର୍ଯ୍ୟ ହେଉଛି, ରୁକ୍ମବର୍ଣ୍ଣ-ପୀତବର୍ଣ୍ଣ ପୁରୁଷ ସମସ୍ତ କାରଣର କାରଣ—ସର୍ବକର୍ତ୍ତା ଅର୍ଥାତ୍ ସର୍ବେଶ୍ୱରେଶ୍ୱର। ସେ ବ୍ରହ୍ମଯୋନି ଅର୍ଥାତ୍ ବ୍ରହ୍ମର ମଧ୍ୟ ପ୍ରତିଷ୍ଠା। **'ବ୍ରହ୍ମଣୋ ହି ପ୍ରତିଷ୍ଠାଽହମ୍'** (ଗୀତା ୧୪/୨୭)। ଅର୍ଥାତ୍ ମୁଁ (ଶ୍ରୀକୃଷ୍ଣ) ବ୍ରହ୍ମର ପ୍ରତିଷ୍ଠା। ସୁତରାଂ ଏହି ପୀତବର୍ଣ୍ଣ ପୁରୁଷ ମଧ୍ୟ ସ୍ୱୟଂ ଭଗବାନ୍, ଏହା ସୁସ୍ପଷ୍ଟ। ସ୍ୱୟଂ–ଭଗବାନ୍ ଶ୍ରୀକୃଷ୍ଣ ଶ୍ୟାମବର୍ଣ୍ଣ ଓ ସ୍ୱୟଂ ଭଗବାନ୍ ଶ୍ରୀଗୌରସୁନ୍ଦର ପୀତବର୍ଣ୍ଣ ଅଟନ୍ତି। ଏବେ ସନ୍ଦେହ ହୋଇପାରେ, ତେବେ ସ୍ୱୟଂ ଭଗବାନ୍ କ'ଣ ଦୁଇଜଣ ?

ସ୍ୱୟଂ-ଭଗବାନ୍ କେଭେ ହେଲେ ଦୁଇଜଣ ହୋଇନପାରନ୍ତି। **'ଏକମେବ ଅଦ୍ୱିତୀୟମ୍'** (ଛାନ୍ଦୋଗ୍ୟପନିଷଦ ୬/୨/୧) (ଅର୍ଥାତ୍ ପରବ୍ରହ୍ମ କେବଳମାତ୍ର ଏକ ଓ ଅଦ୍ୱିତୀୟ)।—ଏହା ଶ୍ରୁତି ସିଦ୍ଧାନ୍ତ। ପରବ୍ରହ୍ମ ସ୍ୱୟଂ-ଭଗବାନ୍—ଅଦ୍ୱୟଜ୍ଞାନ-ତତ୍ତ୍ୱ। ଅତଏବ ସ୍ୱୟଂ-ଭଗବାନ୍ ଶ୍ରୀକୃଷ୍ଣ ଓ ସ୍ୱୟଂ-ଭଗବାନ୍ ଶ୍ରୀଗୌରସୁନ୍ଦର କଦାପି ଦୁଇଜଣ ନୁହଁନ୍ତି।

ମୂଳ ଶ୍ରୁତିମନ୍ତ୍ରରେ 'ସାମ୍ୟ' ଶବ୍ଦର ଅର୍ଥ—ତାଙ୍କରି ସମାନ ଗୁଣବାନ୍ ଅଥବା ପ୍ରତିଭାଶାଳୀ। ଅର୍ଥାତ୍ ଶ୍ରୀଗୌରସୁନ୍ଦରଙ୍କୁ ଦର୍ଶନ କରି ଦର୍ଶକ ତାଙ୍କ ସମାନ ହିଁ ପ୍ରେମବାନ୍ ହୋଇଯାଏ ଏବଂ ତା'ଠାରେ ଅନ୍ୟକୁ ମଧ୍ୟ ପ୍ରେମଦାନ କରିବାର ଶକ୍ତି ସଞ୍ଚାରିତ ହୋଇଯାଏ।

**ଯାରେ ଦେଖେ ତା'ରେ କହେ—କହ କୃଷ୍ଣନାମ।**
**ଏଇମତ ବୈଷ୍ଣବ କୈଲ ସବ ନିଜ ଗ୍ରାମ।।**

**(ଶ୍ରୀଚୈତନ୍ୟଚରିତାମୃତ. ଆଦି ୧୩/୩୦)**

ଅର୍ଥାତ୍ ଶ୍ରୀମନ୍ମହାପ୍ରଭୁଙ୍କ ଦ୍ୱାରା ଶକ୍ତି ସଞ୍ଚାରିତ ବୈଷ୍ଣବମାନେ ଯାହାକୁ ଦେଖନ୍ତି, ତାକୁ କୃଷ୍ଣନାମ ଗ୍ରହଣ କରିବାକୁ କହନ୍ତି। ଏହିପରି ସେ ନିଜର ଗ୍ରାମବାସୀମାନଙ୍କୁ ବୈଷ୍ଣବ କରିଦେଲେ।

ଅତଏବ ଶ୍ରୀଚୈତନ୍ୟମହାପ୍ରଭୁ ସ୍ୱୟଂ-ଭଗବାନ୍, ଏହା ଶ୍ରୁତି, ସ୍ମୃତି, ପଞ୍ଚମବେଦ ମହାଭାରତ ଓ ପ୍ରମାଣ ଶିରୋମଣି ଶ୍ରୀମଦ୍ଭାଗବତ ପୁରାଣର ସିଦ୍ଧାନ୍ତ।

# ଶ୍ରୀଗୌରହରିଙ୍କର ଅଦ୍ଭୁତ କରୁଣାର ବିକାଶ

କୃଷ୍ଣବର୍ଣ୍ଣ ଶ୍ରୀନନ୍ଦନନ୍ଦନଙ୍କ କରୁଣାର ବୈଶିଷ୍ଟ୍ୟ ଅପେକ୍ଷା ପୀତବର୍ଣ୍ଣ ଶ୍ରୀଶଚୀନନ୍ଦନଙ୍କ କରୁଣାର ବୈଶିଷ୍ଟ୍ୟ ଅଧିକ।

ଆନନ୍ଦକନ୍ଦ କରୁଣାବରୁଣାଳୟ ଭଗବାନଙ୍କ ପ୍ରତ୍ୟେକ ଲୀଳାରେ କରୁଣା ବିଦ୍ୟମାନ। ପ୍ରତ୍ୟେକ ଭଗବତ୍-ସ୍ୱରୂପ ଓ ଅବତାର କରୁଣାମୟ। 'କରୁଣା' ଭଗବାନଙ୍କର ସ୍ୱରୂପ-ଧର୍ମ। ଭଗବତ୍ତାର ସାର ହିଁ ମାଧୁର୍ଯ୍ୟ ଓ ତାହା କେବଳ କରୁଣାଦ୍ୱାରା ବିକାଶ ହୁଏ। ଯଦି କରୁଣାର ବିକାଶ ନ ହୁଏ, ତେବେ ଭଗବାନଙ୍କ ଐଶ୍ୱର୍ଯ୍ୟ-ମାଧୁର୍ଯ୍ୟ, ଦିବ୍ୟଗୁଣାବଳୀ, ଜୀବ ଓ ଜଗତର ଚିତ୍ତାକର୍ଷିଣୀ ଲୀଳାମାନ ଦୃଷ୍ଟିଗୋଚର ହେବା ତ ଦୂରର କଥା, ମନ ଓ ବୁଦ୍ଧିଦ୍ୱାରା ତାହାର ଚିନ୍ତା, ସ୍ମରଣ ଓ ଅନୁଭବ ମଧ୍ୟ ଦୁର୍ଲ୍ଲଭ ଓ ଅସମ୍ଭବ ହୋଇପଡ଼େ।

ଅଗଣିତ ଅନନ୍ତ ସୃଷ୍ଟି କରୁଣାର କ୍ଷେତ୍ର ହେଲେ ମଧ୍ୟ କରୁଣାର ମୁଖ୍ୟ ବିଷୟ ହେଉଛି ଜୀବ ସମୁଦାୟ। ଭଗବଦ୍-ଉନ୍ମୁଖ ଜୀବମାନଙ୍କୁ ନିଖିଳ ଐଶ୍ୱର୍ଯ୍ୟ-ମାଧୁର୍ଯ୍ୟମୟୀ ଲୀଳା ରସାମୃତ ସିନ୍ଧୁରେ ଆପ୍ଲାବିତ କରିବା ହିଁ କରୁଣାର ବିକାଶ। ଭଗବଦ୍‌ବିମୁଖ ଜୀବମାନଙ୍କୁ ଯଥା ସମ୍ଭବ କୌଶଳପୂର୍ବକ ନିଜ ପ୍ରତି ଉନ୍ମୁଖ କରିବା ସେଇ କରୁଣାର ବିକାଶ ଏବଂ ଭଗବଦ୍‌ଭକ୍ତ ବିରୋଧୀ ଦୁଷ୍କୃତ ଦୈତ୍ୟ-ଦାନବମାନଙ୍କୁ ବିନାଶ କରି ସେମାନଙ୍କୁ ମୁକ୍ତି ଆଦି ଦେବା ଭଗବତ୍ କରୁଣାର ବିଚିତ୍ର ବିକାଶ।

କରୁଣାମୟଙ୍କ କରୁଣା ଏକ ବିଭୁତତ୍ତ୍ୱ ହେଲେ ହେଁ ବ୍ରହ୍ମାଣ୍ଡରେ ତାହା ନିଜର କାର୍ଯ୍ୟ ଓ ତା'ର ପ୍ରଭାବ ଦ୍ୱାରା ଅନୁଭୂତ ହୁଏ। ପ୍ରପଞ୍ଚରେ ଅବତାରମାନଙ୍କ ଅବତରଣର ମୂଳ କାରଣ ହେଉଛି, ସାଧୁ, ଭକ୍ତଙ୍କ ରକ୍ଷା ଏବଂ ଅସାଧୁ, ଅସୁରମାନଙ୍କ ବିନାଶ। ଅଧର୍ମ ନିବାରଣପୂର୍ବକ ଧର୍ମ ରକ୍ଷା।

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ।**
**ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍।**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।**

(ଗୀତା. ୪/୭-୮)

ଅର୍ଥାତ୍ ହେ ଭାରତ ! ଯେତେବେଳେ ଧର୍ମର ହାନି ଓ ଅଧର୍ମର ବୃଦ୍ଧି ହୁଏ, ସେତେବେଳେ ମୁଁ ମୋର ନିତ୍ୟସିଦ୍ଧ ଦେହକୁ ପ୍ରକଟ କରେ । ମୁଁ ନିଜର ଐକାନ୍ତିକ ଭକ୍ତଙ୍କୁ ପରିତ୍ରାଣ, ଦୁଷ୍ଟମାନଙ୍କୁ ବିନାଶ ଓ ଧର୍ମର ସଂସ୍ଥାପନା ପାଇଁ ଯୁଗେ ଯୁଗେ ଆବିର୍ଭୂତ ହୁଏ ।

ଶ୍ରୀଳ ଶୁକଦେବ ଗୋସ୍ୱାମୀ କହୁଛନ୍ତି—

**ଯଦା ଯଦେହ ଧର୍ମସ୍ୟ କ୍ଷୟୋ ବୃଦ୍ଧିଶ୍ଚ ପାପ୍ମନଃ ।**
**ତଦା ତୁ ଭଗବାନୀଶ ଆତ୍ମାନଂ ସୃଜତେ ହରିଃ ।।**
**(ଶ୍ରୀମଭା.୯/୨୪/୫୬)**

ଅର୍ଥାତ୍ ସଂସାରରେ ଧର୍ମର ହ୍ରାସ ଓ ପାପର ବୃଦ୍ଧି ହେଲେ ସର୍ବଶକ୍ତିମାନ୍ ହରି ଅବତାର ନିଅନ୍ତି ।

ଏହିପରି ସାଧୁଜନ ରକ୍ଷଣ, ଅସୁର ବିନାଶନ ଓ ଅଧର୍ମ ବିନାଶପୂର୍ବକ ଧର୍ମ ସଂସ୍ଥାପନ ଆଦି ଅନ୍ୟାନ୍ୟ ଅବତାରମାନଙ୍କ ଆବିର୍ଭାବର କାରଣ ବୋଲି ବିଚାର କଲେ ଜଣାଯାଏ । କିନ୍ତୁ ଶ୍ରୀଚୈତନ୍ୟମହାପ୍ରଭୁଙ୍କ ଆବିର୍ଭାବର ତିନିଟି ବିଶେଷ କାରଣ ଦେଖାଯାଏ ଯାହା ଅନ୍ୟ ଅବତାରମାନଙ୍କ ଠାରେ ଦେଖାଯାଏ ନାହିଁ ।

## ଶ୍ରୀଗୌରହରିଙ୍କ ଅବତରଣର ତିନିଟି ଅପୂର୍ବ ଉଦ୍ଦେଶ୍ୟ

**ପ୍ରଥମତଃ** ସେ ନିଜ କରୁଣାର ବଶୀଭୂତ ହୋଇ ଅବତୀର୍ଣ୍ଣ ହୋଇଥିଲେ । **ଦ୍ୱିତୀୟତଃ** ପରମୋଜ୍ଜ୍ୱଳ ରସମୟୀ ସ୍ୱଭକ୍ତି ରୂପକ ସମ୍ପତ୍ତିକୁ ବାଣ୍ଟିବା ପାଇଁ ଅବତରଣ କରିଥିଲେ । **ତୃତୀୟତଃ** ସେ ନିଜର ଅସମୋର୍ଦ୍ଧ୍ୱ ବିବିଧ ମାଧୁର୍ଯ୍ୟଭାବକୁ ଶ୍ରୀମତୀ ରାଧାରାଣୀଙ୍କ ସମାନ ନିଜେ ଆସ୍ୱାଦନ କରିବା ଲୋଭରେ ଶ୍ରୀରାଧାଭାବ ଓ କାନ୍ତି ଯୁକ୍ତ ହୋଇ ଆବିର୍ଭୂତ ହୋଇଥିଲେ । ଶ୍ରୀରୂପ ଗୋସ୍ୱାମୀ ଶ୍ରୀଶଚୀନନ୍ଦନ ଗୌରହରିଙ୍କ ଆବିର୍ଭାବର ପୃଷ୍ଠଭୂମିରେ ପ୍ରଥମୋକ୍ତ ଦୁଇଟି କାରଣ ଉଲ୍ଲେଖ କରିଛନ୍ତି—

**ଅନର୍ପିତଚରୀଂ ଚିରାତ୍ କରୁଣୟାବତୀର୍ଣ୍ଣ କଲୌ**
**ସମର୍ପୟିତୁମୁନ୍ନତୋଜ୍ଜ୍ୱଳରସାଂ ସ୍ୱଭକ୍ତିଶ୍ରିୟମ୍ ।**

ହରିଃ ପୂରଟ-ସୁନ୍ଦରଦ୍ୟୁତିଃ କଦମ୍ବସନ୍ଦୀପିତଃ
ସଦା ହୃଦୟକନ୍ଦରେ ସ୍ଫୁରତୁ ବଃ ଶଚୀନନ୍ଦନଃ ।।
(ବିଦଗ୍ଧମାଧବ. ୧ମ ଅଙ୍କ. ୨ୟ ଶ୍ଳୋକ)

ଅର୍ଥାତ୍ ସୁବର୍ଣ୍ଣକାନ୍ତି ସମୂହଦ୍ୱାରା ଦୀପ୍ତିମାନ୍ ଶ୍ରୀଶଚୀନନ୍ଦନ ହରି ତୁମମାନଙ୍କ ହୃଦୟରେ ସ୍ଫୂର୍ତ୍ତି ହୁଅନ୍ତୁ। ସର୍ବୋତ୍କୃଷ୍ଟ ଉନ୍ନତ ଉଜ୍ଜ୍ୱଳରସ ଯାହା ଜଗତକୁ କେବେ ଦାନ କରାଯାଇ ନାହିଁ, ସେହି ପରମୋଜ୍ଜ୍ୱଳ ରସମୟୀ ସ୍ୱଭକ୍ତି ରୂପକ ସମ୍ପତ୍ତିକୁ ଦେବା ପାଇଁ ସେ କରୁଣାବଶତଃ କଳିଯୁଗରେ ଅବତୀର୍ଣ୍ଣ ହୋଇଥିଲେ।

ତୃତୀୟ କାରଣ ସମ୍ବନ୍ଧରେ ଶ୍ରୀଳ ସ୍ୱରୂପ ଦାମୋଦର ଗୋସ୍ୱାମୀ ଉଲ୍ଲେଖ କରିଛନ୍ତି—

ଶ୍ରୀରାଧାୟାଃ ପ୍ରଣୟ ମହିମା କୀଦୃଶୋ ବାନୟୈବା
ସ୍ୱାଦ୍ୟୋ ଯେନାଦ୍ଭୁତ ମଧୁରିମା କୀଦୃଶୋ ବା ମଦୀୟଃ।
ସୌଖ୍ୟଞ୍ଚାସ୍ୟ ମଦନୁଭବତଃ କୀଦୃଶଂ ବେତି ଲୋଭାତ୍
ତଦ୍‌ଭାବାଢ୍ୟଃ ସମଜନି ଶଚୀଗର୍ଭସିନ୍ଧୌ ହରୀନ୍ଦୁଃ ।।

ଶ୍ରୀରାଧାଙ୍କ ପ୍ରଣୟ ମହିମା କିପରି ? ଶ୍ରୀରାଧା ଆସ୍ୱାଦନ କରୁଥିବା ମୋର ଅଦ୍ଭୁତ ମଧୁରିମା କିପରି ? ଏବଂ ମୋର ମଧୁରିମାର ଅନୁଭବରୁ ଶ୍ରୀରାଧାର କେଉଁ ସୁଖ ଉଦୟ ହୁଏ ?—ଏହି ତିନିଟି ବିଷୟରେ ଲୋଭ ଜନ୍ମିବାରୁ ଶ୍ରୀକୃଷ୍ଣଚନ୍ଦ୍ର ଶଚୀଗର୍ଭସମୁଦ୍ରରେ ଜନ୍ମନେଲେ।

ଯଦିଓ ଅବତାରମାନଙ୍କ ଦ୍ୱାରା କୃତ ସାଧୁମାନଙ୍କ ରକ୍ଷା, ଅସୁର ବିନାଶ ଓ ଧର୍ମସ୍ଥାପନାଦି ଜୀବପ୍ରତି କରୁଣାର ପରିଚାୟକ ତଥାପି ଗୌରଅବତାର ବ୍ୟତୀତ ଅନ୍ୟ କୌଣସି ଅବତାରରେ 'କରୁଣା' ଶବ୍ଦର ସ୍ପଷ୍ଟ ଉଲ୍ଲେଖ ନାହିଁ। ଅତଏବ ଅନ୍ୟାନ୍ୟ ଅବତାରଙ୍କ କରୁଣା ଅପେକ୍ଷା ଶ୍ରୀଗୌରଅବତାରଙ୍କ କରୁଣାର ଏକ ଅପୂର୍ବ ବୈଶିଷ୍ଟ୍ୟ ଅଛି। ଏ ସମ୍ବନ୍ଧରେ ନିମ୍ନରେ କିଛି ବିଚାର ଦିଆଗଲା—

# ଶ୍ରୀଗୌରହରିଙ୍କ କରୁଣାର ଆଠଟି ଅଭୂତପୂର୍ବ ବୈଶିଷ୍ଟ୍ୟ

## (୧) କେବଳ ଗୌରହରିଙ୍କ ଦ୍ୱାରା ହିଁ ସମସ୍ତଙ୍କୁ ଭକ୍ତି ପ୍ରଦାନ

ପୂର୍ବରୁ କୁହାଯାଇଛି, ସାଧୁମାନଙ୍କୁ ରକ୍ଷା ଓ ଅସାଧୁମାନଙ୍କୁ ବିନାଶ କରି ଧର୍ମସଂସ୍ଥାପନା ପାଇଁ ଶ୍ରୀଭଗବାନ୍ ଅସଂଖ୍ୟ ଅବତାର ନେଇଛନ୍ତି । ବେଦାଦି ଶାସ୍ତ୍ର ଓ ସେମାନଙ୍କ ସାରଭୂତ ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ପ୍ରଭାବଶାଳୀ ମୀନ, କଚ୍ଛପ, ବରାହ ପ୍ରଭୃତି ଅବତାରରେ 'ସ୍ୱଭକ୍ତିଶ୍ରିୟ' ଦାନର କୌଣସି ପ୍ରଶ୍ନ ନାହିଁ । ଶ୍ରୀନୃସିଂହ, ବାମନ, ପରଶୁରାମାଦି ସେମାନଙ୍କ ମୁଖ୍ୟ ପ୍ରୟୋଜନରେ ସୀମିତ ରହିଲେ । କପିଳ, ଦତ୍ତାତ୍ରେୟ ଆଦି ଅବତାରମାନେ ସାଂଖ୍ୟ-ଯୋଗାଦିର ଉପଦେଶ ଦେଲେ । ଅନ୍ୟାନ୍ୟ ବୁଦ୍ଧାଦି ଅବତାରରେ ମଧ୍ୟ ଭକ୍ତିଦାନର କୌଣସି ପ୍ରସଙ୍ଗ ମିଳେନାହିଁ । କେବଳ ମାତ୍ର ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଚନ୍ଦ୍ର ଜୀବମାନଙ୍କୁ ଆକୃଷ୍ଟ କରିଛନ୍ତି । କିନ୍ତୁ ଭକ୍ତିଦାନ ବିଷୟରେ ନିଜଲୋକମାନଙ୍କ ପ୍ରତି ଉଦାରତାର ବିଶେଷ ପରିଚୟ ଦେଇନାହାଁନ୍ତି ।

ଶ୍ରୀରାମଚନ୍ଦ୍ର ତାଙ୍କ ନିଜଜନ ଲୋମଶଋଷି, ଶରଭଙ୍ଗ, ସୂତୀକ୍ଷ୍ଣ, ଦଣ୍ଡକାରଣ୍ୟର ଋଷିମାନଙ୍କୁ, ଏପରିକି କାକଭୂଷଣ୍ଡିକୁ ବି ଭକ୍ତି ଗୋପନ ରଖି ଭୋଗ ମୋକ୍ଷର ବର ଦେବାର ପ୍ରସ୍ତାବ ରଖିଥିଲେ ।[୧] ଶ୍ରୀରାମଚନ୍ଦ୍ର ମର୍ଯ୍ୟାଦା ପୁରୁଷୋତ୍ତମ, ତଥାପି ଭକ୍ତି ଦେଲେ ମର୍ଯ୍ୟାଦାର ବ୍ୟତିକ୍ରମ ହୁଏନାହିଁ । ସେଥିପାଇଁ ତାଙ୍କ ପକ୍ଷେ ଭକ୍ତିକୁ ଗୋପନ ରଖିବା ଉଚିତ୍ ବୋଲି କୁହାଯାଇ ନ ପାରେ । ତେବେ କ୍ୱଚିତ୍ ମର୍ଯ୍ୟାଦା ଉଲ୍ଲଙ୍ଘନକାରୀ ଲୀଳା-ପୁରୁଷୋତ୍ତମ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପକ୍ଷେ ଭକ୍ତି ଦାନରେ ଅବଶ୍ୟ ଉଦାର ହେବା ଉଚିତ୍ ଥିଲା । କିନ୍ତୁ ନିଜର ଭକ୍ତିକୁ ଗୋପନ ରଖିଛନ୍ତି ।

**ରାଜନ୍ ପତିର୍ଗୁରୁରଲଂ ଭବତାଂ ଯଦୂନାଂ**
**ଦୈବଂ ପ୍ରିୟଃ କୁଳପତିଃ କ୍ୱ ଚ କିଙ୍କରୋ ବଃ ।**
**ଅସ୍ତ୍ୱେବମଙ୍ଗ ଭଜତାଂ ଭଗବାନ୍ ମୁକୁନ୍ଦୋ**
**ମୁକ୍ତିଂ ଦଦାତି କର୍ହିଚିତ୍ ସ୍ମ ନ ଭକ୍ତିଯୋଗମ୍ ।।**

(ଭା. ୫/୬/୧୮)

ହେ ରାଜନ୍! ଭଗବାନ୍ ମୁକୁନ୍ଦ ସ୍ୱୟଂ ତୁମ(ପାଣ୍ଡବ)ମାନଙ୍କର ଏବଂ ଯଦୁବଂଶିମାନଙ୍କର ରକ୍ଷକ, ଗୁରୁ, ଇଷ୍ଟଦେବ, ସୁହୃତ୍ ଓ କୁଳପତି ଥିଲେ। ଏପରିକି ସେ କେବେ କେବେ ତୁମର ଆଜ୍ଞାକାରୀ ସେବକ ଥିଲେ। ଏହା କମ୍ ସୌଭାଗ୍ୟର କଥା ନୁହେଁ, କାରଣ ଭଗବାନ୍ ଶ୍ରୀକୃଷ୍ଣ ଭଜନରତ ବ୍ୟକ୍ତିଙ୍କୁ ମୁକ୍ତି ଦେଇଦିଅନ୍ତି, କିନ୍ତୁ ଭକ୍ତିଯୋଗକୁ ସହଜରେ ଦିଅନ୍ତି ନାହିଁ।

**କୃଷ୍ଣ ଯଦି ଛୁଟେ ଭକ୍ତେ ଭୁକ୍ତି ମୁକ୍ତି ଦିୟା।**
**କଭୁ ଭକ୍ତି ନା ଦେନ ରାଖେନ ଲୁକାଇୟା ।।**
**(ଚୈ.ଚ. ଆଦି. ୮/୧୮)**

ଅର୍ଥାତ୍ ଭକ୍ତ ଯଦି ଭୁକ୍ତି ବା ମୁକ୍ତି ଚାହେଁ, ତେବେ ଶ୍ରୀକୃଷ୍ଣ ତାଙ୍କୁ ତୁରନ୍ତ ପ୍ରଦାନ କରିଦିଅନ୍ତି। କିନ୍ତୁ ପ୍ରେମଭକ୍ତିକୁ କେବେ ନ ଦେଇ ଲୁଚେଇ ରଖନ୍ତି।

## (୨) ଶ୍ରୀଗୌରହରି ଯୋଗ୍ୟତା ବିଚାର ନ କରି ପ୍ରେମ ଦିଅନ୍ତି

ଏହିପରି '**କର୍ତ୍ତୁମକର୍ତ୍ତୁମନ୍ୟଥାକର୍ତ୍ତୁମ୍ ସମର୍ଥ ପ୍ରଭୁ**' (ଅର୍ଥାତ୍ ଅସମ୍ଭବକୁ ସମ୍ଭବ କରିବା ନିଜର ସବୁ ସ୍ୱରୂପରେ ନିଜର ଭଜନକାରୀ ଲୋକମାନଙ୍କ ନିକଟରେ ମଧ୍ୟ ଭକ୍ତିକୁ ଗୋପନ ରଖନ୍ତି। କିନ୍ତୁ ଶ୍ରୀଗୌରାଙ୍ଗ ସ୍ୱରୂପରେ ନିଜର ଉପଦେଶ, ସ୍ପର୍ଶ, ଦୃଷ୍ଟି ଓ ପ୍ରେରଣାଦି ଦ୍ୱାରା ଆପାମର ସକଳ ଜୀବମାନଙ୍କୁ ଭକ୍ତିରସରେ ଆପ୍ଲାବିତ କରିବା ପାଇଁ ସେ ସନ୍ନ୍ୟାସ ନେଲେ। ଦେଶ-ବିଦେଶ ବୁଲି, ନିଜର ପରିକରମାନଙ୍କୁ ସର୍ବତ୍ର ପଠାଇ, ଶ୍ରୀବିଗ୍ରହ ପ୍ରକାଶ ଓ ଭକ୍ତିଗ୍ରନ୍ଥ ପ୍ରଣୟନ କରି ହରିନାମ ପ୍ରେମ ଦୁଇହାତରେ ବାଣ୍ଟିଲେ। ଶ୍ରୀଳ ରୂପଗୋସ୍ୱାମୀ କହିଛନ୍ତି—

**ସନ୍ତ୍ୱବତାରା ବହବଃ ପଙ୍କଜନାଭସ୍ୟ ସର୍ବତୋଭଦ୍ରାଃ ।**
**କୃଷ୍ଣାଦନ୍ୟଃ କୋ ବା ଲତାସ୍ୱପି ପ୍ରେମଦୋ ଭବତି ।।**
**(ଲଘୁଭାଗବତାମୃତମ୍ ପୂର୍ବଖଣ୍ଡ. ୩/୩)**

ଭଗବାନ୍ ପଙ୍କଜନାଭଙ୍କ ଅନେକ ମଙ୍ଗଳମୟ ଅବତାର ଥାଆନ୍ତୁନା କାହିଁକି, କେବଳ କୃଷ୍ଣଙ୍କ ବ୍ୟତୀତ ଲତା ଅର୍ଥାତ୍ ଆଶ୍ରିତମାନଙ୍କୁ ପ୍ରେମଦାତା ଆଉ କିଏ ଅଛି ?

ଏହା ସତ୍ୟ, କିନ୍ତୁ କୃଷ୍ଣ **'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍'** ଏହି ଗୀତାର ବାଣୀ ଅନୁସାରେ ଶ୍ରୀକୃଷ୍ଣ ଶ୍ରଦ୍ଧା ଓ ଅଧିକାର ଅନୁରୂପ ତଉଲି ବା ଓଜନ କରି ଭକ୍ତି ଦିଅନ୍ତି । ଯାହାର ଯେତେଦୂର ତାଙ୍କ ଠାରେ ପ୍ରପତ୍ତି ବା ଶ୍ରଦ୍ଧା, ସେ ସେହି ପରିମାଣର ଭକ୍ତି ଦିଅନ୍ତି । କମ୍ ନୁହେଁ କି ବେଶି ନୁହେଁ, ସଠିକ୍ ଓଜନ କରି ଦାନ କରନ୍ତି । କୃଷ୍ଣନାମ କିନ୍ତୁ ପରମ ଉଦାର, ଦୟାଳୁ । ଭୂତ, ଭବିଷ୍ୟତ ଓ ବର୍ତ୍ତମାନ, ସଙ୍କେତ, ପରିହାସ, ସ୍ତୋଭ ଓ ଅବହେଳା ଦ୍ୱାରା ନାମାଭାସକାରୀମାନଙ୍କୁ ଉଦ୍ଧାର କରିଛନ୍ତି, କରୁଛନ୍ତି ଓ କରିବେ, ଏହା ସତ୍ୟ କିନ୍ତୁ—

**କୃଷ୍ଣନାମ କରେ ଅପରାଧେର ବିଚାର ।**
**'କୃଷ୍ଣ' ବଲିଲେ ଅପରାଧୀର ନା ହୟ ବିକାର ।।**

(ଶ୍ରୀଚୈତନ୍ୟଚରିତାମୃତ. ଆଦି. ୮/୨୪)

ଅର୍ଥାତ୍ 'କୃଷ୍ଣନାମ' ଅପରାଧର ବିଚାର କରିଛନ୍ତି । 'କୃଷ୍ଣ' କହିବା ପରେ ମଧ୍ୟ ଅପରାଧୀଠାରେ ପ୍ରେମର ବିକାର ହୁଏ ନାହିଁ ।

**କିନ୍ତୁ—ଚୈତନ୍ୟ-ନିତ୍ୟାନନ୍ଦେ ନାହି ଏସବ ବିଚାର ।**
**ନାମ ଲୈତେ ପ୍ରେମ ଦେନ, ବହେ ଅଶ୍ରୁଧାର ।।**

(ଶ୍ରୀଚୈତନ୍ୟଚରିତାମୃତ. ଆଦି. ୮/୩୧)

ଅର୍ଥାତ୍ ଶ୍ରୀଚୈତନ୍ୟ ମହାପ୍ରଭୁ ଓ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କ ନାମରେ ,ଏପରି କୌଣସି ବିଚାର ନାହିଁ । ତାଙ୍କର ନାମ ନେବା ସଙ୍ଗେ ସଙ୍ଗେ ସେହି ନାମ ପ୍ରେମ ଦିଅନ୍ତି, ଓ ବାହ୍ୟ ଲକ୍ଷଣ ସ୍ୱରୂପ ନିରନ୍ତର ଅଶ୍ରୁଧାରା ପ୍ରବାହିତ ହୋଇଥାଏ ।

କେବଳ ତାହା ନୁହେଁ—

**ଏମନ ଦୟାଳୁ ପ୍ରଭୁ ନାହିଁ ତ୍ରିଭୁବନେ ।**
**କୃଷ୍ଣ ପ୍ରେମ ଜନ୍ମାୟ ଯାର ଦୂର ଦରଶନେ ।।**

**(ଶ୍ରୀଚୈତନ୍ୟଚରିତାମୃତ. ମଧ୍ୟ. ୧୬/୧୨୧)**

ଅର୍ଥାତ୍ ମୁଁ ଏପରି କୃପାଳୁ ପ୍ରଭୁ ତ୍ରିଭୁବନରେ ଦେଖି ନାହିଁ । ଯାହାଙ୍କୁ (ଶ୍ରୀମନମହାପ୍ରଭୁଙ୍କୁ) ଦୂରରୁ କେବଳ ଦର୍ଶନ ମାତ୍ରେ ଦର୍ଶକଠାରେ କୃଷ୍ଣପ୍ରେମ ଆବିର୍ଭୂତ ହୋଇଥାଏ ।

## (୩) ଶ୍ରୀଗୌରହରିଙ୍କର ନିଜ କରୁଣାଶକ୍ତିଠାରେ ଆତ୍ମସମର୍ପଣ

ଶ୍ରୀମନ୍ ମହାପ୍ରଭୁଙ୍କ କରୁଣା ପାତ୍ର ଅପାତ୍ରର ବିଚାର ନ କରି ଯିଏ ସମ୍ମୁଖକୁ ଆସିଲେ, ତାକୁ ପାତ୍ର ବିଚାରି ପ୍ରେମ ଦେଲେ । ଯାହାର ପାତ୍ର ନାହିଁ, ଯେ ଖାଲି ହାତରେ ଆସିଲେ, ସ୍ୱୟଂ ପାତ୍ର ଦେଇ ପ୍ରେମାମୃତଦ୍ୱାରା ଭରିଦେଲେ । ଯେଉଁ ଉନ୍ନତ-ଉଜ୍ଜ୍ୱଳ ସ୍ୱଭକ୍ତିରୂପକ ପ୍ରେମାମୃତ ନାରଦ ଆଦି ପ୍ରେଷ୍ଠମାନଙ୍କୁ ଦୁର୍ଲ୍ଲଭ—**'ଯତ୍ ପ୍ରେଷ୍ଠୈରପ୍ୟଲମସୁଲଭଂ କିଂ ପୁନର୍ଭକ୍ତିଭାଜାଂ'** । ଶ୍ରୀଗୌର କରୁଣା ଅବାଧ ଗତିରେ ସ୍ୱତନ୍ତ୍ରତା ରକ୍ଷା ପୂର୍ବକ ପ୍ରସାରିତ ହୋଇ ପ୍ରବଳ ବନ୍ୟା ସଦୃଶ ସମଗ୍ର ଜଗତକୁ ଆପ୍ଳାବିତ କରିଦେଲେ । ଶ୍ରୀମନ୍ମହାପ୍ରଭୁ ତାଙ୍କର ଅସମୋର୍ଦ୍ଧ୍ୱ କରୁଣାକୁ ମୁକ୍ତ କରିଦେଲେ । ମହାପ୍ରଭୁ ନିଜର କରୁଣା-ଶକ୍ତିକୁ କହିଦେଲେ—କରୁଣା ! ମୁଁ ତୁମ ନିକଟରେ ଆତ୍ମସମର୍ପଣ କଲି । ତୁମେ ଯେଉଁ ଦିଗରେ ଯେତେଦୂର ଯିବାକୁ ଚାହୁଁଛ, ଯାଅ ଓ ସେଠାରେ ଯାଇ ଅପରାଧୀ, ବିମୁଖ, ତଟସ୍ଥ, ଶ୍ରଦ୍ଧାଳୁ, ଅଶ୍ରଦ୍ଧାଳୁ, ସାଧାରଣ ଭକ୍ତ ଓ ବିଶେଷ ଭକ୍ତ ସମସ୍ତଙ୍କୁ ପ୍ରେମ ବନ୍ୟାରେ ବୁଡ଼ାଇ ଦିଅ ।

ଏଇ ପ୍ରେମବନ୍ୟାରେ ସର୍ବପ୍ରଥମେ କୁଳିଆର ପାର୍ବତ୍ୟ ଭୂମି (ନିନ୍ଦୁକ ଶିକ୍ଷିତବର୍ଗ), ନିଳାଚଳର ଉପତ୍ୟକା(ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଆଦି ଅଦ୍ୱୈତବାଦୀ) ଓ ଶେଷରେ କାଶୀର ସର୍ବୋଚ୍ଚ ଗିରିଶୃଙ୍ଗ (ଅପରାଧୀ ଅଦ୍ୱୈତବାଦୀ ପ୍ରକାଶାନନ୍ଦ ସରସ୍ୱତୀ ଓ ତାହାଙ୍କ ହଜାରେ ସନ୍ନ୍ୟାସୀ ଶିଷ୍ୟ)ଆଦି ଅତଳ ତଳେ ତଳାନ୍ତ ହୋଇଗଲେ । ଶ୍ରୀଗୌର-କରୁଣାର ଏପରି ଅପୂର୍ବ ମାଧୁର୍ଯ୍ୟ, ଅଦ୍ଭୁତ ଉଲ୍ଲାସ, ଅନୂପମ ଔଦାର୍ଯ୍ୟ, ଅସମୋର୍ଦ୍ଧ୍ୱ ବୈଶିଷ୍ଟ୍ୟ ଓ ପ୍ରେମବଦାନ୍ୟ ଆଦି ଲୀଳା ପୁରୁଷୋତ୍ତମ କୃଷ୍ଣଙ୍କଠାରେ ମଧ୍ୟ ଦୃଷ୍ଟି ଗୋଚର ହୁଏ ନାହିଁ ।

## (୪) କେବଳ ସ୍ୱୟଂ-ଭଗବାନ୍ ହିଁ ଅନ୍ୟାନ୍ୟ ଭଗବତ୍ ସ୍ୱରୂପକୁ ପ୍ରକାଶ କରିବାରେ ସମର୍ଥ

ଅନ୍ୟାନ୍ୟ ଭଗବତ୍ ସ୍ୱରୂପ ଜଗତରେ ଅବତୀର୍ଣ୍ଣ ହୋଇ ଆଦିଠାରୁ ଅନ୍ତ ପର୍ଯ୍ୟନ୍ତ ନିଜର ସେଇ ସ୍ୱରୂପରେ ଦର୍ଶନ ଦିଅନ୍ତି । କେବଳ କୃଷ୍ଣ ଅବତାରରେ ସେ ଦେବକୀ, ବସୁଦେବଙ୍କୁ ଓ ଗୋପୀମାନଙ୍କୁ ଚତୁର୍ଭୁଜ ସ୍ୱରୂପରେ, ଅର୍ଜୁନଙ୍କୁ ବିଶ୍ୱରୂପ, ଦ୍ୱାରିକାରେ ହନୁମାନଙ୍କୁ ରାମରୂପେ ଦର୍ଶନ ଦେଇଥିଲେ । ସେ ସ୍ୱୟଂ

ଭଗବାନ୍; ତେଣୁ ତାହା ତାଙ୍କ ପକ୍ଷେ ସମ୍ଭବ। କିନ୍ତୁ ମୀନ, କୂର୍ମ, ବରାହ, ନୃସିଂହ ଓ ଶ୍ରୀରାମାଦି ଅବତାରରେ ନିଜ ସ୍ୱରୂପ ବ୍ୟତୀତ ଅନ୍ୟ କୌଣସି ଭଗବତ୍ ସ୍ୱରୂପରେ ଦର୍ଶନ ଦେଇ ନାହାଁନ୍ତି। କିନ୍ତୁ ଶ୍ରୀଚୈତନ୍ୟମହାପ୍ରଭୁ ସମସ୍ତଙ୍କ ସମ୍ମୁଖରେ ଯେଉଁ ଭକ୍ତର ଯିଏ ଇଷ୍ଟଦେବ ତାଙ୍କୁ ସେଇ ରୂପରେ ଦର୍ଶନ ଦେଇଥିଲେ। ଶ୍ରୀବାସ, ନୃସିଂହାନନ୍ଦଙ୍କୁ ନୃସିଂହ ରୂପେ, ମୁରାରୀଗୁପ୍ତଙ୍କୁ ସପରିକର ରାମରୂପେ, କାହାକୁ ଯଜ୍ଞବରାହ, ଚତୁର୍ଭୂଜ, ଷଡ଼ଭୂଜ, ଅଷ୍ଟଭୂଜ ତ କାହାକୁ ମୂରଲୀଧାରୀ କୃଷ୍ଣ ରୂପେ ଏବଂ ଶ୍ରୀରାୟରାମାନନ୍ଦଙ୍କୁ ଶ୍ରୀରାଧାଭାବଦ୍ୟୁତି ସୁବଳିତ ରସରାଜ ମହାଭାବ ରୂପରେ ଦର୍ଶନ ଦେଇଛନ୍ତି। ଏଠାରେ ତାଙ୍କର ସ୍ୱୟଂ ଭଗବତ୍ତା ପ୍ରକାଶ ସହିତ ଅନ୍ୟ ଭଗବତ୍ ସ୍ୱରୂପ ମଧ୍ୟରେ ମହନୀୟତା ପ୍ରତିପାଦିତ ହେଉଛି।

## (୫) ଶ୍ରୀଗୌରହରିଙ୍କ କରୁଣା ପୂର୍ଣ୍ଣରୂପେ ପ୍ରସ୍ଫୁଟିତ

ଅନ୍ୟାନ୍ୟ ଅବତାରରେ ଭଗବାନ୍ ସାଧୁମାନଙ୍କୁ ରକ୍ଷା କରିଛନ୍ତି ଓ ସାଧୁମାନେ ଭଗବାନଙ୍କ ସେଇ କରୁଣାକୁ ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି। ଭଗବାନ୍ ଧର୍ମସ୍ଥାପନା କରି ଧର୍ମପ୍ରାଣ ସଜ୍ଜନମାନଙ୍କର ଉପକାର କରିଛନ୍ତି। ସେହି ଉପକୃତ ସଜ୍ଜନମାନେ ସେଇ କରୁଣାକୁ ଅନୁଭବ କରିଛନ୍ତି। ଅନ୍ୟାନ୍ୟ ଅବତାରରେ ଭଗବାନ୍ ଅସୁରମାନଙ୍କୁ ବିନାଶ କରି ସେମାନଙ୍କୁ ସଦ୍‌ଗତି ଦେଇଛନ୍ତି। କାରଣ ସେ **'ହତାରିଗତିଦାୟକ'**। ଶ୍ରୀକୃଷ୍ଣ ଯେଉଁ ଅସୁରମାନଙ୍କୁ ବଧ କରିଛନ୍ତି, ସେମାନଙ୍କୁ ମୁକ୍ତି ଦେଇଛନ୍ତି। ଏପରି କି ଅର୍ଜୁନ ଓ ଭୀମଦ୍ୱାରା ବଧ କରି ସେମାନଙ୍କୁ ଗତି ଦେଇଛନ୍ତି। ଅସୁରମାନଙ୍କ ପ୍ରତି ଭଗବାନଙ୍କ ଏପରି କରୁଣା ଏକ ବିଚିତ୍ର ନିଦର୍ଶନ। ପୁତନାକୁ ସେ ଧାତ୍ରି-ଉଚିତ ଗତି ଦେଇଛନ୍ତି। ଅସୁରମାନେ ମୃତ୍ୟୁ ଲଭି ଭଗବତ୍‌ଚରଣରେ ସ୍ଥାନ ପାଇବା ପରେ ଭଗବାନଙ୍କ ସେହି କରୁଣାକୁ ଅନୁଭବ କରିଛନ୍ତି । କିନ୍ତୁ ଜୀବିତ ଅବସ୍ଥାରେ ଭଗବତ କରୁଣାକୁ ଅନୁଭବ କରି ନାହାଁନ୍ତି। ଏପରିକି ତାହାଙ୍କ ବନ୍ଧୁ-ବାନ୍ଧବ ପୁତ୍ର କଳତ୍ରାଦି କେହି ସେଇ କରୁଣାକୁ ଅନୁଭବ କରିପାରି ନାହାଁନ୍ତି। ଏବଂ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେମାନଙ୍କ ଧାରଣା ଥିଲା, ଶ୍ରୀକୃଷ୍ଣ ସେମାନଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରିଛନ୍ତି। ଅତଏବ କରୁଣାର ମାଧୁର୍ଯ୍ୟର ବିକାଶ ଅସମ୍ପୂର୍ଣ୍ଣ ଥିଲା।

ଶ୍ରୀଚୈତନ୍ୟ ମହାପ୍ରଭୁ କୌଣସି ଅସ୍ତ୍ରଶସ୍ତ୍ର ଧରି ନାହାଁନ୍ତି। କାହାକୁ ପ୍ରାଣରେ ମଧ୍ୟ ମାରି ନାହାନ୍ତି। ସମସ୍ତଙ୍କୁ ହରିନାମ ଦେଇ ସେମାନଙ୍କ ଚିତ୍ତକୁ ଶୋଧନ କରିଛନ୍ତି। ଅସୁର ସଂହାର ନୁହେଁ—ଅସୁରତ୍ୱ (ଅସୁର ବୃତ୍ତି)ର ସଂହାର ରୂପକ ବୈଶିଷ୍ଟ୍ୟ କେବଳ ମାତ୍ର ଗୌରାବତାରରେ ହିଁ ପରିଲକ୍ଷିତ ହୁଏ।

**"ରାମ-ଆଦି ଅବତାରେ, କ୍ରୋଧେ ନାନା ଅସ୍ତ୍ର ଧରେ**
**ଅସୁରେରେ କରିଲ ସଂହାର।**
**ଏବେ ଅସ୍ତ୍ର ନା ଧରିଲ, ପ୍ରାଣେ କାରେ ନ ମାରିଲ,**
**ଚିତ୍ତ ଶୁଦ୍ଧ କରିଲ ସବାର।"**

ଅର୍ଥାତ୍ ରାମଆଦି ଅବତାରରେ ଭଗବାନ୍ କ୍ରୋଧପୂର୍ବକ ବିଭିନ୍ନ ଅସ୍ତ୍ର ଧରି ଅସୁରମାନଙ୍କୁ ସଂହାର କଲେ। କିନ୍ତୁ ଏବେ ଅର୍ଥାତ୍ ଭଗବାନ୍ ଶ୍ରୀଚୈତନ୍ୟ ଅବତାରରେ ସେ କୌଣସି ଅସ୍ତ୍ର ଧାରଣ କଲେ ନାହିଁ କିମ୍ବା କାହାକୁ ପ୍ରାଣରେ ବିନାଶ କଲେ ନାହିଁ; ବରଂ ସମସ୍ତଙ୍କ ଚିତ୍ତକୁ ଶୋଧନ କରିଦେଲେ। ଜଗାଇ, ମାଧାଇ, ଚାଁଦକାଜୀ, ନିନ୍ଦୁକ ପଢୁଆ ବର୍ଗ, କାଶୀବାସୀ ନିର୍ବିଶେଷବାଦୀ ପ୍ରକାଶାନନ୍ଦ ସତସ୍ୱତୀ ଓ ତାହାର ଶିଷ୍ୟବର୍ଗ ଆଦି ଏହାର ଉଦାହରଣ। ଏମାନେ ସମସ୍ତେ ବିଷ୍ଣୁ ବୈଷ୍ଣବ ବିରୋଧୀ, ମହା-ମହା ଅପରାଧୀ ହେଲେ ମଧ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ କରୁଣାଦ୍ୱାରା ପରମଭାଗବତ ହୋଇ ସ୍ତ୍ରୀ, ପୁତ୍ର, ପରିବାର ଓ ଶିଷ୍ୟ-ପ୍ରଶିଷ୍ୟ ସହିତ ନିଜ ଜୀବିତକାଳରେ ହିଁ ଶ୍ରୀଗୌରହରିଙ୍କ ଅସମୋର୍ଦ୍ଧ୍ୱ କରୁଣା-ମାଧୁର୍ଯ୍ୟର ଅନୁଭବ ଓ ଆସ୍ୱାଦନ କରି କୃତକୃତାର୍ଥ ହୋଇଥିଲେ।

## (୬) ଜୀବଙ୍କ ଉଦ୍ଧାର ପାଇଁ ଶ୍ରୀଗୌରହରିଙ୍କ ବିଶେଷ ବ୍ୟାକୁଳତା।

ଶ୍ରୀଚୈତନ୍ୟମହାପ୍ରଭୁ ପରିକରମାନଙ୍କ ସହିତ ମିଶିଲେ, ସେମାନଙ୍କୁ ପଚାରନ୍ତି—ଜୀବମାନଙ୍କ ଉଦ୍ଧାର କିପରି ହେବ? ପଶୁପକ୍ଷୀ, ତୃଣଲତା-ଗୁଳ୍ମାଦି ଓ ସ୍ଥାବର ଜୀବମାନଙ୍କ ନିସ୍ତାର କିପରି ହେବ? ଶ୍ରୀନିତ୍ୟାନନ୍ଦ, ଶ୍ରୀଅଦ୍ୱୈତ ଓ ଶ୍ରୀହରିଦାସ ଠାକୁର ଆଦି ପରିକରମାନେ କହନ୍ତି—ଆପଣ ଯେଉଁ ଉଚ୍ଚ-ସଂକୀର୍ତ୍ତନ ପ୍ରଚାର କରିଛନ୍ତି, ତାହା ଦ୍ୱାରା ହିଁ ସ୍ଥାବର ଜଙ୍ଗମ ଆଦି ସବୁପ୍ରାଣୀଙ୍କର ଅବଶ୍ୟ ଉଦ୍ଧାର

ହେବ । ନାମ-ଧ୍ୱନିଦ୍ୱାରା ଯୁକ୍ତ ବାୟୁର ସ୍ପର୍ଶମାତ୍ରେ ହିଁ ସମସ୍ତଙ୍କ ନିସ୍ତାର ଅବଶ୍ୟମ୍ଭାବୀ । ବସ୍ତୁତଃ ଉଚ୍ଚ-ନାମ ସଂକୀର୍ତ୍ତନର ପ୍ରଚଳନ ଦ୍ୱାରା ଶ୍ରୀଗୌରଅବତାରରେ କରୁଣାର ଯେଉଁ ଅସମୋର୍ଦ୍ଧ୍ୱ ବିକାଶ ହୋଇଛି ଏବଂ ଜୀବ ନିସ୍ତାରର ଯେପରି ଉତ୍କଣ୍ଠାମୟୀ ଭାବନା ପ୍ରକାଶିତ ହୋଇଛି; ତାହା ଅନ୍ୟତ୍ର କେଉଁଠି ଦେଖାଯାଏ ନାହିଁ । ଅନ୍ୟ କୌଣସି ଭଗବତ୍ ସ୍ୱରୂପ ଜୀବ ଜଗତକୁ ଭକ୍ତିର ଆଚାର-ପ୍ରଚାରର ଶିକ୍ଷା ପ୍ରଦାନ କରିନାହାଁନ୍ତି ।

## (୭) ଶ୍ରୀଗୌରହରି ରସିକଶେଖର ଓ ପରମକରୁଣ

ଶ୍ରୀଚୈତନ୍ୟ ଚରିତାମୃତ (ଆଦି ୪/୯୬)ରେ ଦେଖାଯାଏ—**'ରସିକଶେଖର କୃଷ୍ଣ ପରମ କରୁଣ ।'** (ଅର୍ଥାତ୍ ରସିକଶେଖର ଶ୍ରୀକୃଷ୍ଣ ପରମକରୁଣ ଅଟନ୍ତି ।) କିନ୍ତୁ ବିଚାର କରିବା ପରେ ଦେଖାଯାଏ, କୃଷ୍ଣ ରସିକ ଓ କରୁଣ-ଏହା ସତ୍ୟ, କିନ୍ତୁ ରାଧାଭାବ ଓ କାନ୍ତିକୁ ଅଙ୍ଗୀକାର କରି ମହାପ୍ରଭୁ ରୂପେ ଅବତୀର୍ଣ୍ଣ ନ ହେବା ପର୍ଯ୍ୟନ୍ତ ସେ ରସିକଶେଖର ଓ ପରମକରୁଣ ନୁହଁନ୍ତି । କାରଣ ଶ୍ରୀକୃଷ୍ଣ ଲୀଳାରେ ତାଙ୍କର ତିନିଟି ବାଞ୍ଛା ଅପୂର୍ଣ୍ଣ ଥିଲା, ଯାହାର ଆସ୍ୱାଦନ ସେ ଗୌରଲୀଳାରେ କରିଛନ୍ତି । ଶ୍ରୀକୃଷ୍ଣ ଗୋପୀମାନଙ୍କ ଲହୁଣୀ ଓ ମନ ଚୋରି କରିଥିଲେ । (ତେଣୁ ସେ 'ରସିକ') କିନ୍ତୁ ସେ ରାଧିକାଙ୍କର ଅଙ୍ଗକାନ୍ତି ଓ ସ୍ୱରୂପଗତ ଅଧିରୂଢ଼, ମାଦନ, ମୋଦନ ଓ ମୋହନଭାବକୁ ଚୋରି କରିପାରନ୍ତି ନାହିଁ । (ଗୌର ଅବତାରରେ ତାହା କରିପାରିଲେ ତେଣୁ ସେ 'ରସିକଶେଖର') ସେଥିପାଇଁ ସ୍ୱରୂପଗୋସ୍ୱାମୀ କହିଛନ୍ତି—**'ରାଧାଭାବଦ୍ୟୁତି ସୁବଳିତଂ ନୌମି କୃଷ୍ଣସ୍ୱରୂପମ୍ ।'**(ଶ୍ରୀଚୈତନ୍ୟଚରିତାମୃତ. ଆଦି. ୧/୫) (ଅର୍ଥାତ୍ ଶ୍ରୀମତୀ ରାଧିକାଙ୍କ ଭାବ ଓ କାନ୍ତିଦ୍ୱାରା ସୁବଳିତ ଶ୍ରୀକୃଷ୍ଣସ୍ୱରୂପ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ମୁଁ ନମସ୍କାର କରୁଛି ।) କୃଷ୍ଣ ଅସୁରମାନଙ୍କୁ ମୁକ୍ତି ଦେବା ସହିତ ପୃଥିବୀର ଭାର ହରଣ କରିବା ହେତୁ ସେ 'କରୁଣ', କିନ୍ତୁ ଶ୍ରୀମନ୍‌ମହାପ୍ରଭୁ ଅପରାଧିମାନଙ୍କୁ ବ୍ରହ୍ମାଦିଙ୍କ ଦୁର୍ଲଭ ପ୍ରେମକୁ ମୁକ୍ତହସ୍ତରେ ଅଯାଚିତ ଭାବେ ବାଣ୍ଟି 'ପରମ କରୁଣ' ରୂପେ ବିଖ୍ୟାତ ହୋଇଛନ୍ତି ।

## (୮) ଶ୍ରୀଗୌରଲୀଳାର ଚମତ୍କାରିକ ବିଶେଷତା

ଶ୍ରୀମନ୍ ମହାପ୍ରଭୁଙ୍କ କରୁଣାର ଆଉ ଗୋଟିଏ ବୈଶିଷ୍ଟ୍ୟ ହେଲା, ଯିଏ ଗୌରାଙ୍ଗ ମହାପ୍ରଭୁଙ୍କ ନାମ ନିଏ, ତା'ର କୃଷ୍ଣପ୍ରେମ ଉଦୟ ହୁଏ। ଯିଏ ଗୌରାଙ୍ଗଙ୍କ ଆଶ୍ରୟ ନିଏ, ସେ ସପରିକର ବ୍ରଜେନ୍ଦନନ୍ଦନଙ୍କୁ ପାଏ। ଯିଏ ଗୌଡମଣ୍ଡଳ ଭୂମିକୁ ଆଶ୍ରୟ କରେ, ତାର ବ୍ରଜଭୂମିରେ ନିତ୍ୟ ବାସ ହୁଏ। ଆହା! ଯିଏ ଗୌରପ୍ରେମରୂପୀ ରସସାଗରରେ ମଗ୍ନ ହୁଅନ୍ତି, ସେ ରାଧାମାଧବଙ୍କ ପ୍ରେମତରଙ୍ଗରେ ଭାସନ୍ତି।

**ଯେ ଗୌରାଙ୍ଗେର ନାମ ଲୟ     ତା'ର ହୟ ପ୍ରେମୋଦୟ**
**ତା'ରେ ମୁଇଁ ଯାଇ ବଲିହାରି।**
**ଗୌରାଙ୍ଗେର ସଙ୍ଗୀଗଣେ     ନିତ୍ୟ ସିଦ୍ଧ କରି ମାନେ**
**ସେ ଯାୟ ବ୍ରଜେନ୍ଦ୍ରସୁତ-ପାଶ।**
**ଶ୍ରୀଗୌଡ଼ମଣ୍ଡଳ-ଭୂମି     ଯେବା ଜାନେ ଚିନ୍ତାମଣି**
**ତା'ର ହୟ ବ୍ରଜଭୂମେ ବାସ।।**
**ଗୌରପ୍ରେମ ରସାର୍ଣ୍ଣବେ     ସେ ତରଙ୍ଗେ ଯେବା ଡୁବେ**
**ସେ ରାଧାମାଧବ ଅନ୍ତରଙ୍ଗ।।**

**(ଶ୍ରୀଲ ନରୋତ୍ତମ ଦାସ ଠାକୁର)**

**ଗୌଡ଼-ବ୍ରଜ-ଜନେ     ଭେଦ ନା ଦେଖିବ**
**ହଇବ ବରଜବାସୀ।**
**ଧାମେର ସ୍ୱରୂପ     ସ୍ଫୁରିବେ ନୟନେ**
**ହଇବ ରାଧାର ଦାସୀ।।**

**(ଶ୍ରୀଲ ଭକ୍ତିବିନୋଦ ଠାକୁର)**

ଅର୍ଥାତ୍ ଯଦି ମୁଁ ଗୌଡ଼ମଣ୍ଡଳବାସୀ ଓ ବ୍ରଜବାସୀମାନଙ୍କ ମଧ୍ୟରେ ଭେଦ ଦେଖିବି ନାହିଁ, ତେବେ ମୁଁ ବ୍ରଜବାସୀ ହୋଇପାରିବି। ତେବେ ଧାମର ସ୍ୱରୂପ ମୋର ନେତ୍ରରେ ସ୍ଫୂରିତ ହେବ ଏବଂ ମୁଁ ରାଧାରାଣୀଙ୍କ ଦାସୀ ହୋଇପାରିବି।

କିପରି ଅଦ୍ଭୂତ କଥା। ବଙ୍ଗୋପସାଗରରେ ବୁଡ଼ିଲେ ପ୍ରଶାନ୍ତ ମହାସାଗରରେ ବାହାରି ହେବ। ଗୌରପ୍ରେମରୂପୀ ସାଗରରେ ବୁଡ଼ିଲେ ରାଧା-କୃଷ୍ଣରୂପୀ ପ୍ରେମସାଗରରେ ବାହାରି ହେବ। ଗୌରପରିକରଗଣଙ୍କୁ ଆଶ୍ରୟ କଲେ ଶ୍ରୀମତୀ ରାଧାରାଣୀଙ୍କର ଦାସୀତ୍ୱ ମିଳିବ। ଏହା ଗୌରଲୀଳାର ଏକ ଅଦ୍ଭୁତ ବୈଶିଷ୍ଟ୍ୟ।

## ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସର୍ବୋତ୍ତମ ଅବଦାନ ପରକୀୟା-ଭାବ

ସାଧ୍ୟ-ସାଧନ ଅଥବା ଉପାସନା କ୍ଷେତ୍ରରେ ମଧ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅବଦାନର ବୈଶିଷ୍ଟ୍ୟ ଆହୁରି ଅଧିକ ଚମତ୍କାରଯୁକ୍ତ ଓ ଅତୁଳନୀୟ।

ପରକୀୟା-ଭାବର ଇଙ୍ଗିତ ଶ୍ରୀକୃଷ୍ଣକର୍ଣ୍ଣାମୃତରେ, ଶ୍ରୀମଦ୍‌ଭାଗବତରେ ଶ୍ରୀରାସପଞ୍ଚାଧ୍ୟାୟରେ, ମୁକ୍ତାପଳରେ, ଚଣ୍ଡୀଦାସଙ୍କ ଓ ବିଦ୍ୟାପତିଙ୍କ ପଦ୍ୟାବଳୀରେ ସ୍ପଷ୍ଟ ରୂପେ ବର୍ଣ୍ଣିତ ହୋଇଛି। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପୂର୍ବରୁ କୌଣସି ବୈଷ୍ଣବ ଆଚାର୍ଯ୍ୟ ପରକୀୟା-ଭାବର ଉପଦେଶ ସ୍ପଷ୍ଟ ରୂପେ ଦେଇ ନ ଥିଲେ। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଏକାନ୍ତ ଅନୁଗତ ଓ ତାଙ୍କର ମନୋଭୀଷ୍ଟକୁ ପୂର୍ଣ୍ଣ କରୁଥିବା ଶ୍ରୀଳ ସନାତନ ଗୋସ୍ୱାମୀ, ଶ୍ରୀଳ ରୂପ ଗୋସ୍ୱାମୀ, ଶ୍ରୀରଘୁନାଥଦାସ ଗୋସ୍ୱାମୀ, ଶ୍ରୀଳ କବିରାଜ କୃଷ୍ଣଦାସ ଗୋସ୍ୱାମୀ ଆଦି ସ୍ୱରଚିତ ଶ୍ରୀବୃହଦ୍‌ଭାଗବତାମୃତ, ଶ୍ରୀଉଜ୍ଜ୍ୱଳନୀଳମଣି, ଶ୍ରୀଚୈତନ୍ୟଚରିତାମୃତ ଆଦି ପ୍ରାମାଣିକ ଗ୍ରନ୍ଥରେ ପରକୀୟା-ଭାବକୁ ହିଁ ସାଧ୍ୟ-ସାଧନ ବିଷୟରେ ଚରମ ସିଦ୍ଧାନ୍ତ ରୂପେ ସ୍ଥାପିତ କରିଛନ୍ତି।

ଶ୍ରୀଚୈତନ୍ୟଚରିତାମୃତରେ ଏପରି କୁହାଯାଇଛି—

**ପରକୀୟା-ଭାବେ ଅତି ରସେର ଉଲ୍ଲାସ।**
**ବ୍ରଜ ବିନା ଇହାର ଅନ୍ୟତ୍ର ନାହି ବାସ।।**
**ବ୍ରଜବଧୂଗଣେର ଏଇ ଭାବ ନିରବଧି।**
**ତାର ମଧ୍ୟେ ଶ୍ରୀରାଧାର ଭାବେର ଅବଧି।।**
**ପ୍ରୌଢ଼ନିର୍ମଳଭାବ ପ୍ରେମ ସର୍ବୋତ୍ତମ।**
**କୃଷ୍ଣେର ମାଧୁର୍ଯ୍ୟରସ ଆସ୍ୱାଦ କାରଣ।।**

**(ଶ୍ରୀଚୈତନ୍ୟଚରିତାମୃତ. ଆଦି.୪/୪୭-୪୯)**

ଅର୍ଥାତ୍ ପରକୀୟା ଭାବରେ ରସର ଅତ୍ୟନ୍ତ ଉଲ୍ଲାସ ହୁଏ। ବ୍ରଜ ଛଡ଼ା ଅନ୍ୟତ୍ର କେଉଁଠି ମଧ୍ୟ ଏହାର ସ୍ଥିତି ନାହିଁ। ବ୍ରଜବଧୂମାନଙ୍କଠାରେ ଏହି ଭାବ ନିରନ୍ତର ରହେ। ସେମାନଙ୍କ ମଧ୍ୟରେ ଶ୍ରୀରାଧାଙ୍କଠାରେ ଏହି ଭାବର ଚରମସୀମା ବିରାଜିତ। (ଶ୍ରୀରାଧାରାଣୀଙ୍କର) ପରିପକ୍ୱ ନିର୍ମଳଭାବ ହିଁ ସର୍ବୋତ୍ତମ ପ୍ରେମ ଏବଂ ଏହି ପ୍ରେମ ଶ୍ରୀକୃଷ୍ଣଙ୍କ ମାଧୁର୍ଯ୍ୟରସର ଆସ୍ୱାଦନର ହେତୁ।

ପଦକର୍ତ୍ତା ଶ୍ରୀପ୍ରେମାନନ୍ଦ ମଧ୍ୟ ଉଲ୍ଲାସରେ ଗାନ କରିଛନ୍ତି—

**ଏମନ ଶଚୀର ନନ୍ଦନ ବିନେ।**
**ପ୍ରେମ ବୋଲି ନାମ ଅତି ଅଦ୍ଭୁତ**
**ଶ୍ରୁତ ହଇତ କା'ର କାନେ ?**

ଆହା ! ଏପରି ଶ୍ରୀଶଚୀନନ୍ଦନ ଗୌରସୁନ୍ଦରଙ୍କ କରୁଣା ବିନା 'ପ୍ରେମ' ନାମକ ଅତି ଅଦ୍ଭୁତ ଶବ୍ଦ କିଏ ଶୁଣି ପାରିଥାନ୍ତା ?

**ଶ୍ରୀକୃଷ୍ଣ ନାମେର ସଗୁଣ ମହିମା**
**କେବା ଜାନାଇତ ଆର ?**
**ବୃନ୍ଦାବିପିନେର ମହା ମଧୁରିମା**
**ପ୍ରବେଶ ହଇତ କା'ର ?**

ଶ୍ରୀକୃଷ୍ଣ ନାମର ଅଦ୍ଭୁତ ଗୁଣ-ମହିମା ଆଉ କିଏ ଆମକୁ ଜଣାଇଥାନ୍ତା ? ଯଦି ରାଧାଭାବ ସୁବଳିତ ଶ୍ରୀକୃଷ୍ଣ ସ୍ୱରୂପ ଶ୍ରୀଶଚୀନନ୍ଦନ ଗୌରହରି ଏଇ ଜଗତରେ ପ୍ରକଟ ହୋଇ ଶ୍ରୀବୃନ୍ଦାବନର ମହାମଧୁରିମାକୁ ପ୍ରକାଶ କରିନଥାନ୍ତେ, ପାତ୍ର ଓ ଅପାତ୍ର ବିଚାର ନ କରି କଳିଯୁଗର ଜୀବମାନଙ୍କ ପ୍ରତି ଅହୈତୁକୀ କରୁଣାପୂର୍ବକ ତାଙ୍କୁ ବ୍ରଜର ମାଧୁରୀରେ ପ୍ରବେଶର ସୌଭାଗ୍ୟ ପ୍ରଦାନ କରି ନଥାନ୍ତେ; ତେବେ ବୃନ୍ଦାବନର ମାଧୁରିମାରେ କାହାର ପ୍ରବେଶ ହୋଇଥାନ୍ତା ?

**କେବା ଜାନାଇତ ରାଧାର ମାଧୁର୍ଯ୍ୟ**
**ରସ ଯଶ ଚମତ୍କାର ?**
**ତା'ର ଅନୁଭାବ ସାତ୍ତ୍ୱିକ ବିକାର**
**ଗୋଚର ଛିଲ ବା କା'ର ?**

କିଏ ଶ୍ରୀମତୀ ରାଧାରାଣୀଙ୍କ ମାଧୁର୍ଯ୍ୟ ରସର ଓ ଯଶର ଚମତ୍କାର ବିଷୟରେ ଜଣାଇଥାନ୍ତା ? ଅର୍ଥାତ୍ ତାଙ୍କର ଚମତ୍କାରପୂର୍ଣ୍ଣ ମହାଭାବର ଅଧିରୂଢ଼, ମୋଦନ, ମାଦନ ଆଦି ଅଲୌକିକ ଭାବକୁ ଏହି ଧରା ଧାମରେ ରସିକଶେଖର ଶ୍ରୀଶଚୀନନ୍ଦନ ଗୌରହରିଙ୍କ ବିନା ଅନ୍ୟ କିଏ ପ୍ରକାଶିତ କରିଥାନ୍ତା ? ଶ୍ରୀଶଚୀନନ୍ଦନ ଗୌରହରିଙ୍କ କୃପା ବିନା ଶ୍ରୀମତୀ ରାଧାରାଣୀଙ୍କ ଏଇ ଅନୁଭାବ ଓ ସାତ୍ତ୍ୱିକ ବିକାର ଆଦି କାହାର ଦୃଷ୍ଟି ଗୋଚର ଥିଲା ?

**ବ୍ରଜେ ଯେ ବିଳାସ ରାସ ମହାରାସ**
**ପ୍ରେମ ପରକୀୟା ତତ୍ତ୍ୱ ।**
**ଗୋପୀର ମହିମା ବ୍ୟଭିଚାରୀ ସୀମା**
**କା'ର ଅବଗତି ଛିଲ ଏତ ?**

ଗୌରହରିଙ୍କ କୃପା ବିନା ବ୍ରଜର ଅପ୍ରାକୃତ ବିଳାସ, ମଧୁର ବୃନ୍ଦାବନରେ ଅଖିଳରସାମୃତ ମୂର୍ତ୍ତି ଶ୍ରୀକୃଷ୍ଣ ତଥା ମହାଭାବର ମୂର୍ତ୍ତିମାନ ବିଗ୍ରହ ଶ୍ରୀମତୀ ରାଧାରାଣୀ ଏବଂ ତାଙ୍କର କାୟବ୍ୟୂହସ୍ୱରୂପ ଗୋପୀମାନଙ୍କ ସହିତ ରାସ-ମହାରାସ, ପରକୀୟ ପ୍ରେମର ତତ୍ତ୍ୱକୁ ଜାଣିବା କାହା ପକ୍ଷେ ସମ୍ଭବ ଥିଲା ? ଶ୍ରୀଗୌରହରିଙ୍କ କୃପା ବ୍ୟତୀତ ଗୋପୀମାନଙ୍କର ମହିମା ଓ ତାଙ୍କର ପ୍ରେମର ବ୍ୟଭିଚାରୀ ସୀମାକୁ କିଏ ଜାଣି ପାରୁଥିଲା ?

**ଧନ୍ୟ କଳି ଧନ୍ୟ ନିତାଇ ଚୈତନ୍ୟ**
**ପରମ କରୁଣା କରି ।**
**ବିଧି ଅଗୋଚର ଯେ ପ୍ରେମ ବିକାର**
**ପ୍ରକାଶେ ଜଗତ ଭରି ।।**

ଆହା ! ଏଇ କଳିଯୁଗ ଅତିଧନ୍ୟ, ଯେଉଁ ଯୁଗରେ ଶ୍ରୀନିତ୍ୟାନନ୍ଦ ପ୍ରଭୁ ଓ ଶ୍ରୀଚୈତନ୍ୟମହାପ୍ରଭୁ ପରମକରୁଣାପୂର୍ବକ ଅବତରିତ ହୋଇ ଏହି ପ୍ରେମ-ବିକାରକୁ ସମ୍ପୂର୍ଣ୍ଣ ଜଗତରେ ପ୍ରକାଶିତ କଲେ, ଯାହାର ଦର୍ଶନ ବ୍ରହ୍ମାଙ୍କ ପାଇଁ ମଧ୍ୟ ଦୁର୍ଲଭ ଥିଲା ।

**ଉତ୍ତମ ଅଧମ କିଛୁ ନା ବାଛିଲ**
**ଯାଚିୟା ଦିଲେକ କୋଲ ।**

**କହେ ପ୍ରେମାନନ୍ଦେ   ମନ-ଗୌରାଙ୍ଗେ**
**ଅନ୍ତରେ ଧରିୟା ଦୋଲ ।।**

କିଏ ଉତ୍ତମ, କିଏ ଅଧମ କୌଣସି ବାଛ-ବିଚାର ନ କରି ସମସ୍ତଙ୍କୁ ଯାଚି ଯାଚି ଆଲିଙ୍ଗନ ପ୍ରଦାନ କଲେ । ପଦକର୍ତ୍ତା ଶ୍ରୀପ୍ରେମାନନ୍ଦ କହୁଛନ୍ତି—ଆରେ ଭାଇ ! ଏପରି ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କୁ ନିଜ ହୃଦୟରେ ଧାରଣ କରି ବିଚରଣ କର ।

ଶ୍ରୀଚୈତନ୍ୟ-ମହାପ୍ରଭୁଙ୍କ ଆଉ ଏକ ପ୍ରଧାନ ବୈଶିଷ୍ଟ୍ୟ ହେଉଛି—ସେ ଜଗତକୁ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ଶିକ୍ଷା ଦେଇଛନ୍ତି । ଶ୍ରୀକୃଷ୍ଣ ଅଦ୍ୱୟ ଜ୍ଞାନ ପରତତ୍ତ୍ୱ ଓ ସର୍ବଶକ୍ତିମାନ୍ । **'ଶକ୍ତିଶକ୍ତିମତୋରଭେଦଃ'**—ଏଇ ବେଦାନ୍ତସୂତ୍ର ଅନୁସାରେ ଶ୍ରୀକୃଷ୍ଣ ଓ ତାଙ୍କର ଶକ୍ତି ଅଭିନ୍ନ ହେଲେ ହେଁ କେତୋଟି ବିଷୟରେ ଭିନ୍ନତା ପରିଲକ୍ଷିତ ହୁଏ । ଏଥିପାଇଁ ପରତତ୍ତ୍ୱ ଶ୍ରୀକୃଷ୍ଣ, ତାହାଙ୍କ ଶକ୍ତି ପରିଣତ ଜୀବ ଓ ଜଗତ ମଧ୍ୟରେ ପରସ୍ପର ଭେଦାଭେଦ ସମ୍ବନ୍ଧ ବିଦ୍ୟମାନ । ସାଧାରଣରୂପେ ଏହା ପ୍ରାକୃତ ବୁଦ୍ଧିଦ୍ୱାରା ଚିନ୍ତନୀୟ ନୁହେଁ ବୋଲି ଅଚିନ୍ତ୍ୟ । ତାହା କେବଳ ବେଦବୁଦ୍ଧି ଅଥବା ଗୁରୁପରମ୍ପରା ଦ୍ୱାରା ବୁଝାଯାଏ, ତେଣୁ ତାହା ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ।

ଏହିପରି ସ୍ୱରୂପ ପ୍ରକାଶରେ, ପତିତ-ପାବନତାରେ, ଆତ୍ମଦାନ ଦ୍ୱାରା ଜୀବମାନଙ୍କୁ ଉଦ୍ଧାର କରିବାରେ, ଜୀବମାନଙ୍କର ସ୍ୱରୂପଗତ ପରମଧର୍ମ (ସେବା ବୃତ୍ତି) ଅଥବା ଅକୈତବ ଧର୍ମର ପ୍ରଚାରରେ, କୃଷ୍ଣପ୍ରେମର ପୂର୍ଣ୍ଣତମ ସୀମାପର୍ଯ୍ୟନ୍ତ ସ୍ୱରୂପ ପ୍ରକାଶରେ, ନାମ-ପ୍ରେମ ବିତରଣରେ ଏବଂ ସର୍ବୋପରି ଶ୍ରୀକୃଷ୍ଣଙ୍କ ଅନୁପମ ମାଧୁର୍ଯ୍ୟ ରସାସ୍ୱାଦନରେ ଶ୍ରୀଗୌର-କରୁଣାର ଯେଉଁ ମହାମାଧୁର୍ଯ୍ୟମୟ ଏବଂ ଉଲ୍ଲାସମୟ ବିକାଶ ବୈଶିଷ୍ଟ୍ୟ ଅଛି, ତାହା ସର୍ବଥା ଅନିର୍ବଚନୀୟ ଓ ଅତୁଳନୀୟ । ଏହା କୌଣସି ଯୁଗରେ ଅଥବା କୌଣସି ଭଗବଦ୍-ସ୍ୱରୂପରେ ଅଭିବ୍ୟକ୍ତ ହୋଇନାହିଁ ।

ଅତଏବ ହେ ସାଧକ ! **ସକଳମେବ ବିହାୟ ଦୂରାତ୍ ଚୈତନ୍ୟଚନ୍ଦ୍ର ଚରଣେ କୁରୁତାନୁରାଗମ୍ ।**

# ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସଂକ୍ଷିପ୍ତ ଜୀବନ-ଚରିତ୍ର

ସ୍ୱୟଂ-ଭଗବାନ୍ ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣ ୧୪୮୬ ଖ୍ରୀଷ୍ଟାବ୍ଦ ଫାଲ୍ଗୁନ ମାସର ପୂର୍ଣ୍ଣିମା ତିଥିରେ ଚନ୍ଦ୍ରଗ୍ରହଣ ସମୟରେ ପଶ୍ଚିମବଙ୍ଗଳାର ଶ୍ରୀମାୟାପୁର (ନବଦ୍ୱୀପ) ଧାମରେ ଶ୍ରୀଗୌରହରି ରୂପେ ଆବିର୍ଭୂତ ହୋଇଥିଲେ। ପାରମ୍ପରିକ ପ୍ରଥା ଅନୁସାରେ ଚନ୍ଦ୍ରଗ୍ରହଣ ସମୟରେ ନବଦ୍ୱୀପର ଭକ୍ତବୃନ୍ଦ ପବିତ୍ର ସୁରଧୁନୀ ଗଙ୍ଗା ଜଳରେ ଛିଡ଼ା ହୋଇ ଗଭୀର ଶ୍ରଦ୍ଧା ସହକାରେ ଭଗବାନଙ୍କର ମଙ୍ଗଳମୟ ନାମ-କୀର୍ତ୍ତନ କରୁଥିଲେ।

ସ୍ୱୟଂ-ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ଅନ୍ତରଙ୍ଗା ସ୍ୱରୂପଶକ୍ତି ଶ୍ରୀମତୀ ରାଧାରାଣୀଙ୍କ ଦିବ୍ୟ ପ୍ରେମରେ ଆକର୍ଷିତ ହୋଇ ତାଙ୍କର ଆନ୍ତରିକ ଭାବ ଓ ଅଙ୍ଗକାନ୍ତି ଗ୍ରହଣ କରି ତିନିଟି ବିଷୟ ଆସ୍ୱାଦନ କରିବା ପାଇଁ ଏଇ ଜଗତରେ ଶ୍ରୀଗୌରହରି ରୂପରେ ଅବତୀର୍ଣ୍ଣ ହୋଇଥିଲେ। ସେହି ତିନିଟି ବିଷୟ ହେଉଛି— ୧ : ଶ୍ରୀରାଧାର ପ୍ରଣୟ ମହିମା କିପରି, ୨ : ନିଜର ଅଦ୍ଭୁତ ମଧୁରିମା (ସୌନ୍ଦର୍ଯ୍ୟ) କିପରି, ୩: ଏହି ମଧୁରିମା ଆସ୍ୱାଦନ କରିବା ପରେ ରାଧାରାଣୀ କେଉଁ ଧରଣର ସୁଖ ଅନୁଭବ କରନ୍ତି।

ଅଧିକନ୍ତୁ ଶ୍ରୀମନ୍ ମହାପ୍ରଭୁ ଚିନ୍ମୟ ଜଗତର ସର୍ବୋପରି ସ୍ଥାନ ବୃନ୍ଦାବନର ବ୍ରଜବାସୀମାନଙ୍କର ଅପ୍ରାକୃତ ପ୍ରେମଭାବନାକୁ କଳିଯୁଗର ବଦ୍ଧ ଜୀବମାନଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ଅବତୀର୍ଣ୍ଣ ହୋଇଥିଲେ। ବ୍ରଜବାସୀମାନେ ଶ୍ରୀକୃଷ୍ଣଙ୍କ ପ୍ରତି ଐଶ୍ୱର୍ଯ୍ୟ ଜ୍ଞାନଶୂନ୍ୟ  ହୋଇ ଅର୍ଥାତ୍ ତାଙ୍କର ଭଗବତ୍ତାକୁ ଭୁଲି ଯାଇ ସ୍ୱାଭାବିକ ରୂପେ ତାଙ୍କର ସେବା କରିଛନ୍ତି।

ଶ୍ରୀଚୈତନ୍ୟମହାପ୍ରଭୁ ଜଗତଜୀବଙ୍କୁ ବ୍ରଜଧାମର ସର୍ବୋଚ୍ଚ ପ୍ରେମ (କୃଷ୍ଣଙ୍କ ପ୍ରତି ବ୍ରଜବାସୀମାନଙ୍କ ଶୁଦ୍ଧ ଅପ୍ରାକୃତ ପ୍ରେମ) ପ୍ରଦାନ କରିବା ପାଇଁ ଆସିଥିଲେ। ବିଶେଷତଃ ଶ୍ରୀକୃଷ୍ଣଙ୍କ ପ୍ରିୟତମା ଶିରୋମଣି ଶ୍ରୀରାଧିକାଙ୍କ ଐକାନ୍ତିକ ଅନୁଗତା ଗୋପୀମାନଙ୍କ ପ୍ରେମ ହିଁ ତାଙ୍କର ବିଶେଷ ଅବଦାନ। ସବୁପ୍ରକାର ଦିବ୍ୟ ପ୍ରେମ ମଧ୍ୟରେ ଏହି ପ୍ରେମ ହିଁ ସର୍ବୋତ୍ତମ। ଯାହାକୁ ସେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଉତ୍ତମ-ଅଧମ ସମସ୍ତଙ୍କୁ ଅକାତରେ ଦାନ କରିଛନ୍ତି। ଏହିପରି ଭଗବତ୍ ଅବତାରମାନଙ୍କ ମଧ୍ୟରେ ସେ ଅଦ୍ଭୁତପୂର୍ବ ଓ ଅଦ୍ୱିତୀୟ। ବୈଷ୍ଣବ ପଦକର୍ତ୍ତା ଶ୍ରୀନରହରି ଠାକୁର ଗାଇଛନ୍ତି—

**(ଯଦି) ଗୌରାଙ୍ଗ ନହିତ, ତବେ କି ହଇତ, କେମନେ ଧରିତ ଦେ ?**
**ରାଧାର ମହିମା, ପ୍ରେମରସ-ସୀମା, ଜଗତେ ଜାନାତ କେ ?**
**ମଧୁର ବୃନ୍ଦା ବିପିନ-ମାଧୁରୀ, ପ୍ରବେଶ ଚାତୁରୀ-ସାର ।**
**ବରଜ-ଯୁବତୀ, ଭାବେର ଭକତି, ଶକତି ହଇତ କାର ?**
**ଗାଓ ପୁନଃ-ପୁନଃ, ଗୌରାଙ୍ଗେର ଗୁଣ, ସରଲ ହଇୟା ମନ ।**
**ଏ ଭବ ସାଗରେ, ଏମନ ଦୟାଲ, ନା ଦେଖି ଯେ ଏକଜନ ।।**
**ଗୌରାଙ୍ଗ ବଲିୟା, ନା ଗେନୁ ଗଲିୟା, କେମନେ ଧରିନୁ ଦେ ।**
**ନରହରି-ହିୟା, ପାଷାଣ ଦିୟା, କେମନେ ଗଡ଼ିୟାଛେ ।।**

ଶ୍ରୀଗୌରାଙ୍ଗଦେବ ବାଲ୍ୟକାଳରେ ନିଜର ପରିଚୟ ଗୋପନ ରଖି, ପିତାମାତା, ବନ୍ଧୁ, ଆତ୍ମୀୟ ପରିଜନ ଏବଂ ନବଦ୍ୱୀପବାସୀଙ୍କ ସହିତ ବିବିଧ ଲୀଳା ଆସ୍ୱାଦନ କରୁଥିଲେ । ସେ ପ୍ରଥମେ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦେବୀଙ୍କ ପାଣି ଗ୍ରହଣ କରିଥିଲେ ଏବଂ ସେ ନିତ୍ୟଧାମକୁ ଯିବା ପରେ ମାତାଙ୍କ ବିଶେଷ ଅନୁରୋଧ କ୍ରମେ ମୂର୍ତ୍ତିମାନ୍ ଭକ୍ତିଦେବୀ ଶ୍ରୀବିଷ୍ଣୁପ୍ରିୟା ଦେବୀଙ୍କ ପାଣିଗ୍ରହଣ କରିଲେ ।

ପିତା ଶ୍ରୀଜଗନ୍ନାଥ ମିଶ୍ରଙ୍କ ଅପ୍ରକଟ ପରେ ତାଙ୍କୁ ପିଣ୍ଡ ଦେବା ପାଇଁ ଶ୍ରୀଗୌରହରି ଗୟା ଯାତ୍ରା କଲେ । ସେଠାରେ ଶ୍ରୀଈଶ୍ୱରପୁରୀପାଦଙ୍କ ସଙ୍ଗେ ସାକ୍ଷାତ୍କାର ହୁଅନ୍ତେ, ଜଗଦ୍‌ବାସୀଙ୍କୁ ସଦ୍‌ଗୁରୁଙ୍କ ଚରଣାଶ୍ରୟର ଶିକ୍ଷା ଦେବା ପାଇଁ ତାଙ୍କଠାରୁ ଦୀକ୍ଷା ଗ୍ରହଣର ଲୀଳା-ଅଭିନୟ କଲେ । ଶ୍ରୀଈଶ୍ୱରପୁରୀପାଦଙ୍କ ନିକଟରୁ ଦୀକ୍ଷା ମନ୍ତ୍ର ଲାଭ କରି ସେ ନବଦ୍ୱୀପ ଫେରି ଜଗତଜୀବଙ୍କ କଲ୍ୟାଣ ପାଇଁ ନାମସଙ୍କୀର୍ତ୍ତନ ଧର୍ମର ଶିକ୍ଷା ଦେଲେ । ସେ ଭଗବାନଙ୍କ ପବିତ୍ର ନାମ-କୀର୍ତ୍ତନ କରି ଦିବ୍ୟୋନ୍ମାଦ ଦଶା ପ୍ରାପ୍ତ ହେବା ସହିତ ଅନ୍ୟମାନଙ୍କୁ ନାମ-କୀର୍ତ୍ତନରେ ଅନୁପ୍ରାଣିତ କରିଲେ ।

ସେ ୨୪ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କରି ନବଦ୍ୱୀପ-ଧାମରୁ ଶ୍ରୀଜଗନ୍ନାଥ ପୁରୀକୁ ଚାଲିଗଲେ । ତତ୍‌ପଶ୍ଚାତ୍ ସେ ୬ବର୍ଷ ଦକ୍ଷିଣ ଭାରତ ଓ ବୃନ୍ଦାବନ ଆଦି ପରିଭ୍ରମଣ କରି ସମସ୍ତଙ୍କୁ ନାମ-ସଂକୀର୍ତ୍ତନରେ ଓ କୃଷ୍ଣପ୍ରେମରେ ପାଗଳ କରିଦେଲେ । ପୁରୀକୁ ଫେରିବା ପରେ ତାଙ୍କର ଅନ୍ତର୍ଦଶା ଅବର୍ଣ୍ଣନୀୟ ସୀମାରେ ବର୍ଦ୍ଧିତ ହେବାକୁ ଲାଗିଲା । ତେଣୁ ସେ ତାଙ୍କର ନିତ୍ୟ ପରିକରମାନଙ୍କ ସହିତ ଶ୍ରୀମତୀ ରାଧାରାଣୀଙ୍କ ବିପ୍ରଲମ୍ଭ-ଭାବକୁ ଆସ୍ୱାଦନ କରିଥିଲେ । ତା ସହିତ ଜଗତବାସୀଙ୍କୁ ସ୍ୱଭକ୍ତିଶ୍ରୀର ପ୍ରେମ ତରଙ୍ଗରେ ଭସାଇ ଦେଲେ । ସେ ପରବର୍ତ୍ତୀ

୧୮ବର୍ଷ ଶ୍ରୀଜଗନ୍ନାଥ ପୁରୀରେ ରହି ଶେଷରେ ଶ୍ରୀଟୋଟାଗୋପୀନାଥଙ୍କ ବିଗ୍ରହ ମଧ୍ୟରେ ପ୍ରବେଶ କରି ଦିବ୍ୟ ଅନ୍ତର୍ଦ୍ଧାନ-ଲୀଳା ପ୍ରକଟ କରିଲେ।

ଶେଷରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଶିକ୍ଷା ହେଲା, ଶୁଦ୍ଧଭକ୍ତିର ଚରମ ପରାକାଷ୍ଠା—ବ୍ରଜ ଗୋପୀମାନଙ୍କ ପ୍ରେମର ପ୍ରାପ୍ତି। ଶ୍ରୀମନ୍ ମହାପ୍ରଭୁଙ୍କ ଶୁଦ୍ଧ-ଧାରାରେ ଆଗତ ଅନୁରାଗୀ ଭକ୍ତମାନଙ୍କ ଦ୍ୱାରା ଏଇ ବ୍ରଜଗୋପୀମାନଙ୍କ ପ୍ରେମର ମହିମା ଆଜି ସମ୍ପୂର୍ଣ୍ଣ ବିଶ୍ୱରେ ପ୍ରଚାରିତ ହେଉଛି। ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ ସେଇ ଅନୁରାଗୀ ଭକ୍ତମାନଙ୍କ ମଧ୍ୟରେ ଅନ୍ୟତମ।

## ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ ସଂକ୍ଷିପ୍ତ ପରିଚୟ

ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ ୧୯୨୧ ଖ୍ରୀଷ୍ଟାବ୍ଦରେ ମୌନୀ ଅମାବାସ୍ୟାର ଶୁଭ ଦିବସରେ ଭାରତବର୍ଷର ବିହାର ରାଜ୍ୟର ବକ୍ସର ଜିଲାର ତିୱାରୀପୁର ଗ୍ରାମରେ ଏକ ଶୁଦ୍ଧ-ବୈଷ୍ଣବ ପରିବାରରେ ଜନ୍ମଗ୍ରହଣ କରିଥିଲେ।

୧୯୪୬ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସରେ ସେ ତାଙ୍କର ଗରୁପାଦପଦ୍ମ ଶ୍ରୀଶ୍ରୀମଦ୍ ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜଙ୍କ ଦର୍ଶନ ଲାଭ କଲେ। ସେହିଦିନଠାରୁ ତାଙ୍କର ଶ୍ରୀଚୈତନ୍ୟମହାପ୍ରଭୁଙ୍କ ଆଚରିତ ଓ ପ୍ରଚାରିତ ଗୌଡ଼ୀୟ ବୈଷ୍ଣବ ଧର୍ମରେ ସମ୍ପୂର୍ଣ୍ଣ ସମର୍ପିତ ଜୀବନ ଆରମ୍ଭ ହେଲା।

ଜଗତର ବଦ୍ଧଜୀବଙ୍କ ନିତ୍ୟ କଲ୍ୟାଣ ପାଇଁ ସେ ତାଙ୍କ ଶ୍ରୀଗୁରୁଦେବଙ୍କ ସହିତ ସାରା ଭାରତରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବାଣୀ ପ୍ରଚାର କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇ ମଠ-ମନ୍ଦିର ସେବାରେ ଆତ୍ମନିୟୋଗ କଲେ। ପ୍ରତିବର୍ଷ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବତିଥି ଉପଲକ୍ଷ୍ୟରେ ଶ୍ରୀନବଦ୍ୱୀପ-ମଣ୍ଡଳ ପରିକ୍ରମାରେ ହଜାର ହଜାର ଭକ୍ତମାନଙ୍କ ସମାଗମ ହୁଏ। ସେତେବେଳେ ସେ ନବଦ୍ୱୀପ ମଣ୍ଡଳ ପରିକ୍ରମାର କାର୍ଯ୍ୟଭାର ଗ୍ରହଣ କରୁଥିଲେ। ୧୯୫୪ ଖ୍ରୀଷ୍ଟାବ୍ଦରେ ତାଙ୍କର ଗୁରୁପାଦପଦ୍ମ ମଥୁରାସ୍ଥିତ ଶ୍ରୀକେଶବଜୀ ଗୌଡ଼ୀୟ ମଠର ମଠରକ୍ଷକ ରୂପେ ତାଙ୍କୁ ନିଯୁକ୍ତ କରିଥିଲେ ଏବଂ ପ୍ରମୁଖ ଗୌଡ଼ୀୟ ବୈଷ୍ଣବ ଆଚାର୍ଯ୍ୟମାନଙ୍କ ଗ୍ରନ୍ଥମାନଙ୍କୁ

ହିନ୍ଦୀରେ ଅନୁବାଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ସମ୍ପୂର୍ଣ୍ଣ ଜୀବନରେ ପରମ ଉତ୍ସାହ ଓ ଯତ୍ନ ସହକାରେ ଏସବୁ ସେବାକାର୍ଯ୍ୟ ତୁଲାଇଛନ୍ତି । ଫଳସ୍ୱରୂପ ହିନ୍ଦୀରେ ପ୍ରାୟ ୫୦ରୁ ଅଧିକ ପାରମାର୍ଥିକ ଗ୍ରନ୍ଥ ପ୍ରକାଶିତ ହୋଇଛି । ବର୍ତ୍ତମାନ ଏହି ଗ୍ରନ୍ଥଗୁଡ଼ିକ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇଛି ।

ଗୌଡ଼ୀୟ-ଦର୍ଶନ ପ୍ରଚାର କରିବା ପାଇଁ ବହୁବର୍ଷ ପର୍ଯ୍ୟନ୍ତ ସେ ସମଗ୍ର ଭାରତବର୍ଷ ପରିଭ୍ରମଣ କଲାପରେ ୧୯୯୫ ଖ୍ରୀଷ୍ଟାବ୍ଦରେ ସେ ବିଦେଶରେ ପ୍ରଚାର-ସେବା ଆରମ୍ଭ କଲେ । ପରବର୍ତ୍ତୀ ୧୫ବର୍ଷ ପର୍ଯ୍ୟନ୍ତ ସେ ସାରା ବିଶ୍ୱକୁ ପ୍ରାୟ ୩୪ଥର ପରିକ୍ରମା କରିଛନ୍ତି, ସେ ଦେଶ ହେଉ କିମ୍ବା ବିଦେଶ ହେଉ, ତାଙ୍କର ପ୍ରଚାର ସର୍ବଦା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରଧାନ ପରିକର ଶ୍ରୀଳ ରୂପ ଗୋସ୍ୱାମୀ ଓ ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦଙ୍କ ଧାରା ଅନୁଯାୟୀ କରିଛନ୍ତି । ଯଦି ସେ କୌଣସି ସିଦ୍ଧାନ୍ତରେ କେଉଁଠି ଭୁଲ ଦେଖନ୍ତି; କିମ୍ବା କେଉଁଠି ଶାସ୍ତ୍ରର ଅପବ୍ୟାଖ୍ୟା ଶୁଣନ୍ତି, ତେବେ ଶାସ୍ତ୍ରଯୁକ୍ତି ଦ୍ୱାରା ତାକୁ ଖଣ୍ଡବିଖଣ୍ଡିତ କରି ନିର୍ଭିକ ଭାବେ ଯଥାର୍ଥ ସତ୍ୟକୁ ସ୍ଥାପନ କରନ୍ତି । ଏହିପରି ଭାବେ ସେ ଗୌଡ଼ୀୟ ସମ୍ପ୍ରଦାୟର ମହିମା ଓ ଗୌରବକୁ ସଂରକ୍ଷଣ କରି ଜଣେ ପ୍ରକୃତ ଆଚାର୍ଯ୍ୟର କାର୍ଯ୍ୟ କରିଛନ୍ତି ।

ଶ୍ରୀଳ ଗୁରୁଦେବ—ଶ୍ରୀଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ, ୯୦ ବର୍ଷ ବୟସରେ ୨୦୧୦ ଖ୍ରୀଷ୍ଟାବ୍ଦର ୨୯ ଡ଼ିସେମ୍ବର, ବୁଧବାର ଦିନ ଶ୍ରୀଜଗନ୍ନାଥ ପୁରୀ ଧାମରେ ଚକ୍ରତୀର୍ଥ ନିକଟସ୍ଥ ଜୟଶ୍ରୀଦାମୋଦର ଗୌଡ଼ୀୟ ମଠରେ ତାଙ୍କର ଭୌମ ଜଗତର ଲୀଳା ସମ୍ବରଣ କରିଥିଲେ । ପରଦିନ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଏଇ ବିଶେଷ ପ୍ରତିନିଧି ଏବଂ ମହାପ୍ରଭୁଙ୍କ ଅଦ୍ୱିତୀୟ କରୁଣାର ମୂର୍ତ୍ତିମାନ୍ ସ୍ୱରୂପ ଶ୍ରୀଳ ଗୁରୁପାଦପଦ୍ମଙ୍କୁ ଶ୍ରୀନବଦ୍ୱୀପ ଧାମରେ ସମାଧି ଦିଆଗଲା । ସେ ଚିରକାଳ ଧରି ତାଙ୍କର ଅମୃତମୟ ଅପ୍ରାକୃତ ବାଣୀ ମଧ୍ୟରେ ଏବଂ ତାଙ୍କର ଶରଣାଗତ ଭକ୍ତମାନଙ୍କ ହୃଦୟରେ ଅବସ୍ଥାନ କରିଛନ୍ତି ।